Postal Regd.No.:
BGR - 02 / 2021 - 2023
ବର୍ଷ-୨୧ ■ ସଂଖ୍ୟା - ୧୧
Volum -21 ■ Issue No.- 11
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com

# KOSHALA PRABAHA
# କୋଶଳ ପ୍ରବାହ

R.N.I.No.: ODIODI/2000/03637 / ୧୭ ଜାନୁଆରୀ - ୨୩ ଜାନୁଆରୀ ୨୦୨୧ / 17 Jan. - 23 Jan. 2021 / Odia Weekly / 8 Pages / Rs.2/- only

# ଗରିବ ଖଟିଖିଆଙ୍କ ସାଥୀ ବିଶିଷ୍ଟ ସମାଜସେବୀ ଲଳିତ ନାୟକ ଚାଲିଗଲେ

ବଲାଙ୍ଗିର, (ନିପ୍ର) : ଗରିବ, ଖଟିଖିଆଙ୍କ ସାଥୀ ବିଶିଷ୍ଟ ସମାଜସେବୀ ଲଳିତ ନାୟକଙ୍କ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଥିବା ସୂଚନା ମିଳିଛି । ଦୀର୍ଘ ମାସ ହେଲା ଅସ୍ଥିମଜ୍ଜା କ୍ୟାନ୍‌ସର ରୋଗରେ ପୀଡ଼ିତ ହେବାପରେ ସେ ଭୁବନେଶ୍ୱରେ ରହି ଚିକିତ୍ସାଧୀନ ଥିଲେ । ବଲାଙ୍ଗିର ମାଟିର ପ୍ରଚଣ୍ଡ ସ୍ୱର, ରକ୍ତଦାନର ପ୍ରଗଲ୍ଭ ପ୍ରେରଣା, ଗରିବ ଜନସାଧାରଣଙ୍କ ଚିରସାଥୀ, ସମାଜସେବାର ବିରଳ ମଣିଷ ଆଜି ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି । ଅନେକ ଚିକିତ୍ସା, ଚିକିତ୍ସକଙ୍କ ଆପ୍ରାଣ ଉଦ୍ୟମ ତଥା ଶ୍ରଦ୍ଧାଳୁ ଏବଂ ଶୁଭେଚ୍ଛୁଙ୍କ ଅହେତୁକ ପ୍ରାର୍ଥନାକୁ ପଛରେ ପକାଇ ଚାଲିଗଲେ ଲଳିତ ଦାଦା ।

ବିଶିଷ୍ଟ ସମାଜସେବୀ ତଥା ଶ୍ରମିକ ନେତା ଲଳିତ ନାୟକଙ୍କୁ ବଲାଙ୍ଗିର ମାଟିରେ କିଏ ବା ନ ଜାଣେ । କିଛି ମାସ ପୂର୍ବେ ତାଙ୍କ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଚିକିତ୍ସା ଦ୍ୱାରା ଠିକ୍ ହେବା ପରେ ବାରମ୍ବାର ହିମୋଗ୍ଲୋବିନ୍ କମିଯିବା କାରଣରୁ ପୁଣି ପରୀକ୍ଷା ନିରୀକ୍ଷା କରାଯାଇଥିଲା । ତେବେ ଏହି ସମୟରେ ସେ ଅସ୍ଥିମଜ୍ଜା କ୍ୟାନ୍‌ସର ଦ୍ୱାରା ପୀଡ଼ିତ ଥିବା ଜଣାପଡ଼ିଥିଲା । ଏ ଖବର ପ୍ରକାଶ ପାଇବା ପରେ ତାଙ୍କ ପ୍ରଶଂସକଙ୍କ ମହଲରେ ତଥା ବଲାଙ୍ଗିର ଜିଲ୍ଲାରେ ଉଦାସୀନତା ଛାଇ ଯାଇଥିଲା । ତେବେ ତାଙ୍କ ଅସ୍ଥିମଜ୍ଜା ପ୍ରତିରୋପଣ ପାଇଁ ମଧ୍ୟ ପଦକ୍ଷେପ ଆରମ୍ଭ ହୋଇଥିଲା । କିନ୍ତୁ ଏହା ପରେ ପରେ ସେ କରୋନା ଦ୍ୱାରା ସଂକ୍ରମିତ ହୋଇଥିଲେ । ଏହାପରେ ତାଙ୍କ ସ୍ୱାସ୍ଥ୍ୟରେ ଆଉ ଉନ୍ନତି ପରିଲକ୍ଷିତ ହୋଇ ନଥିଲା ।

ସୂଚନାଯୋଗ୍ୟ ଯେ, ସମାଜସେବୀ ଶ୍ରୀ ନାୟକ ଗତ ଜୁନ୍ ମାସ ୨୯ ତାରିଖରେ ପଡ଼ିଯିବା କାରଣରୁ ବାମ ଗୋଡ଼ର ଜଂଘରେ ଆଘାତ ଲାଗି ଭାଂଗି ଯାଇଥିଲା । ଜୁନ୍ ୩୦ ତାରିଖ ଦିନ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଅସ୍ତ୍ରୋପଚାର କରାଯାଇଥିଲା । ସେହି ସମୟରେ ୧୮ ବର୍ଷ ପୂର୍ବର ଦୁର୍ଘଟଣାର ଅସ୍ତ୍ରୋପଚାର ବେଳେ ଲାଗିଥିବା ୧୮ ଇଂଚ୍‌ର ଏକ ରଡ଼୍‌କୁ ବାହାର କରାଯାଇଥିଲା । ସେହି ସମୟରେ ଡାକ୍ତରଙ୍କ ସଂଦେହ ହୋଇଥିବା ବେଳେ ଶ୍ରୀ ନାୟକଙ୍କ ହିମୋଗ୍ଲୋବିନ ବୃଦ୍ଧି ହେଉ ନଥିବାରୁ କ୍ୟାନସର ହୋଇ ଥାଇପାରେ ବୋଲି ଅନୁମାନ କରିଥିଲେ । ପରୀକ୍ଷା ପରେ କ୍ୟାନସର ପଜିଟିଭ୍ ଆସିଥିଲା ।



ଶ୍ରୀ ନାୟକ ଛାତ୍ର ସମୟରୁ ରାଜେନ୍ଦ୍ର କଲେଜର ଛାତ୍ର ସଂସଦ ସଭାପତି ଭାବେ ୮୦ ଦଶକରେ ବେଶ୍ ଚର୍ଚ୍ଚିତ ଥିଲେ । ଛାତ୍ର ଜୀବନରୁ ଜଣେ ରକ୍ତଦାତା ପ୍ରବର୍ତ୍ତକ ଭାବେ ବେଶ୍ ସୁନାମ ଅର୍ଜନ କରିଥିଲେ । ବଲାଙ୍ଗିରରେ ରକ୍ତଦାନର କଥା ଉଠିଲେ ଆପେ ଆପେ ସମାଜସେବୀ ଲଳିତ ନାୟକ ହିଁ ମନେ ପଡ଼ନ୍ତି ।

୮୦ରୁ ଅଧିକ ଥର ରକ୍ତଦାନ କରି ତତ୍‌କାଳୀନ ଓଡ଼ିଶା ରାଜ୍ୟପାଳଙ୍କଠାରୁ ସେ ପୁରସ୍କୃତ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ସେ ପ୍ରାୟ ୧୫୦ ୟୁନିଟ୍ ରକ୍ତଦାନ କରି ସାରିଥିଲେ । ସାମଜର ଦଳିତ, ନିଷ୍ପେସିତ, ଗରିବ ଖଟିଖିଆମାନଙ୍କ ବିଭିନ୍ନ ସମସ୍ୟା ନେଇ ଲଢ଼େଇ କରିବାରେ ଶ୍ରୀ ନାୟକ ଜଣେ ଆଗୁଆ ସୈନିକ ଭାବରେ ଠିଆ ହେଉଥିଲେ ସବୁବେଳେ । ୪୦ରୁ ଅଧିକ ଶ୍ରମିକ ସଂଗଠନର ସଭାପତି ରହି ସେମାନଙ୍କ ଦୁଃଖସୁଖ ସହ ସାମିଲ୍ ହେବା ସହ ସେମାନଙ୍କ ହକ୍ ପାଇଁ ସେ ଲଢ଼େଇ ଜାରି ରଖିଥିଲେ ।

ତାଙ୍କ ପରଲୋକ ଦଳିତ, ନିଷ୍ପେସିତ, ଗରିବ ଖଟିଖିଆମାନଙ୍କୁ ନିଃସ୍ୱ କରି ଦେଇଥିବା ବେଳେ ସେଭଳି ଜଣେ ଟାଣୁଆ, ଦରଦୀ ମଣିଷକୁ ହରାଇ ବଲାଙ୍ଗିର ସହ ସାରା ଓଡ଼ିଶା ମାଟି ଆଜି କାନ୍ଦୁଛି । ଲଳିତ ଦାଦା ଏଇ ମାଟିରେ ସବୁଦିନ ଏକ ଗଭୀର ଆଦର୍ଶର ସ୍ୱର ହୋଇ ବଂଚିରହିବେ, ଏହା ନିଃସଂଦେହ ।

## ବିଶିଷ୍ଟ ସମାଜସେବୀ ଲଳିତ ନାୟକଙ୍କ ବିୟୋଗରେ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଶୋକ ପ୍ରକାଶ



କଂଟାବାଞ୍ଜି, (ନିପ୍ର) : ବିଶିଷ୍ଟ ସମାଜସେବୀ, ଶ୍ରମିକ ନେତା ତଥା ଗରିବ ଖଟିଖିଆଙ୍କ ଚିର ସାଥି ଲଳିତ କୁମାର ନାୟକଙ୍କ ଅକାଳ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି କଂଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ସୂଚନା ଯୋଗ୍ୟ ଯେ, ସମାଜସେବୀ ଲଳିତ ନାୟକଙ୍କ ଭୁବନେଶ୍ୱର ସ୍ଥିତ ଏମ୍ସରେ ଦେହାନ୍ତ ହୋଇଯାଇଛି । ତାଙ୍କ ଅକାଳ ବିୟୋଗରେ ସାରା ଓଡିଶା ସ୍ତବ୍ଧ ହୋଇଯାଇଥିବା ବେଳେ ବଲାଙ୍ଗିର ମାଟି ଅନେକ କିଛି ହରେଇଛି ବୋଲି ଶ୍ରୀ ସାଲୁଜା ମତ ପ୍ରକାଶ କରିଛନ୍ତି ।

## କୋଶଳ ରାଜ୍ୟ ସମନ୍ୱୟ ସମିତିର ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ରଙ୍କ ଶୋକ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ବିଶିଷ୍ଟ ସମାଜସେବୀ ତଥା ବରିଷ୍ଠ କର୍ମଚାରୀ ନେତା ଲଳିତ ନାୟକଙ୍କ ବିୟୋଗରେ ସାରା ବଲାଙ୍ଗିର ଜିଲ୍ଲା ଶୋକରେ ମର୍ମାହତ । ଶ୍ରୀ ନାୟକ ଜଣେ ପ୍ରବୀଣ ସମାଜସେବୀ ଓ ସଂଗ୍ରାମୀ ଉଭୟ ପରିଚୟ ହାସଲ କରିଥିଲେ । ୧୯୮୫/୮୬ ମସିହାରେ ସେ ରାଜେନ୍ଦ୍ର କଲେଜ ଛାତ୍ର ସଂସଦର ସଭାପତି ଥିଲେ । ପରବର୍ତ୍ତୀ ସମୟରେ ସେ ସମାଜସେବା, ଶ୍ରମିକ ସଂଗଠନ ଓ ରାଜନୀତିରେ ମଧ୍ୟ ଯୋଗଦାନ କରିଥିଲେ । ସେ ବଲାଙ୍ଗିର ତଥା ପଶ୍ଚିମାଂଚଳର ବହୁ ସାମାଜିକ ଓ ସାଂସ୍କୃତିକ ସଂଗଠନ ସହ ଜଡ଼ିତ ଥିଲେ । ବିବାହ, ବ୍ରତ ହେଉ କିମ୍ବା



କାହାର ମୃତ୍ୟୁ ସମୟରେ ହେଉ ସବୁ ଜାଗାରେ ତାଙ୍କର ଉପସ୍ଥିତି ରହୁଥିଲା । ବ୍ୟକ୍ତିଗତ ଭାବରେ ଓ କୋଶଳ ରାଜ୍ୟ ସମନ୍ୱୟ ସମିତି ତରଫରୁ ଶ୍ରୀ ନାୟକଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

## ବିଶିଷ୍ଟ ସମାଜସେବୀ ଲଳିତ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଭୁବନେଶ୍ୱର, (ନିପ୍ର) : ବିଶିଷ୍ଟ ସମାଜସେବୀ ଲଳିତ ନାୟକଙ୍କୁ ଟ୍ୱିଟ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ ଲେଖିଛନ୍ତି ଯେ, 'ବିଶିଷ୍ଟ ସମାଜସେବୀ ତଥା ଶ୍ରମିକ ନେତା ଲଳିତ ନାୟକଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ । ଲୋକଙ୍କ କଲ୍ୟାଣ ସହ ରକ୍ତଦାନ କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ । ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରୁଛି ।




## ଲଳିତର ଅସମୟ ମୃତ୍ୟୁରେ ମୁଁ ମର୍ମାହତ : ନରସିଂହ

ବଲାଙ୍ଗିର, (ନିପ୍ର) : ଲଳିତର ଅସମୟ ମୃତ୍ୟୁ ଖବର ସାରା ବଲାଙ୍ଗିରକୁ ସ୍ତବ୍ଧ କରି ଦେଇଛି । ଏ ଖବରରେ ମୁଁ ମଧ ଗଭୀର ଭାବରେ ମର୍ମାହତ । ବଲାଙ୍ଗିର ଆଜି ତାର ଏକ ସୁସନ୍ତାନକୁ ହରାଇଲା । ସମାଜସେବା ହେଉ କି ଶ୍ରମିକଙ୍କ ଅଧିକାରକୁ ଲଢେଇ ହେଉ ଏ ସବୁରେ ଲଳିତ ଥିଲା ଏକ ଅବିଚ୍ଛେଦ୍ୟ ଅଙ୍ଗ । ଶ୍ରମିକଙ୍କ ସେଥିଲା ଏକ ନିର୍ଭରଯୋଗ୍ୟ ନେତା । ଛାତ୍ର ଜୀବନରୁ ସେ ସମାଜସେବା କ୍ଷେତ୍ରରେ ବ୍ରତୀ ଥିଲା, ରକ୍ତଦାନ କହିଲେ ଲୋକେ ସବୁବେଳେ ଲଳିତକୁ ମନେ ପକାଉଥିଲେ ।



ବଲାଙ୍ଗିରରେ ଆଜି ଯେଉଁ ରକ୍ତଦାନର ଏକ ଧାରା ଚାଲିଛି ଏଥିରେ ଲଳିତର ଅବଦାନ ଅନେକ । ବଲାଙ୍ଗିରବାସୀ ତାଠୁ ଆହୁରି ଅନେକ ସେବା ଆଶା କରୁଥିଲେ । ତାର ଭିତରେ ସମଗ୍ରୀକ ଭାବରେ ଛାତ୍ର, ଯୁବକ, କୃଷକ ଓ ଶ୍ରମିକଙ୍କ ନେତୃତ୍ୱ ନେବା ଦକ୍ଷତା ଓ ପରାକାଷ୍ଠା ଥିଲା । ତାର ମୃତ୍ୟୁ ବଲାଙ୍ଗିରର ରାଜନୈତିକ, ସାଂସ୍କୃତିକ, ଶ୍ରମିକ ଆନ୍ଦୋଳନ ତଥା ସମାଜସେବା କ୍ଷେତ୍ରରେ ଏପରି ଏକ ଶୂନ୍ୟସ୍ଥାନ ତିଆରି କଲା, ଯାହାକି ପୂର୍ଣ୍ଣହେବା ଅସମ୍ଭବ । ତାଙ୍କ ମୃତ୍ୟୁରେ ଗଭୀର ଶୋକବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଉଛି । ଏ ଅସମୟକୁ ସାମ୍ନା କରିବା ପାଇଁ ଈଶ୍ୱର ତାଙ୍କର ପରିବାରକୁ ଧୈର୍ଯ୍ୟ ଓ ସାହାସ ଦିଅନ୍ତୁ ।

## ସଂପାଦକୀୟ



ବଲାଙ୍ଗିର ମାଟିର ଗର୍ବ ଓ ଗୌରବ ବିଶିଷ୍ଟ ସମାଜସେବୀ ଲଳିତ ନାୟକଙ୍କୁ ଗଭୀର ଅଶ୍ରୁଳ ଶ୍ରଦ୍ଧାଂଜଳି ପ୍ରଦାନ ଉଦ୍ଦେଶ୍ୟରେ ଏଥର ସଂପାଦକୀୟ ସ୍ତମ୍ଭ ସମର୍ପିତ ।

# ସର୍ବାଧିକ ଆବଶ୍ୟକତା ରହିଥିବା ଲୋକଙ୍କୁ ସର୍ବପ୍ରଥମେ ଟୀକା ଦିଆଯିବ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, (ପିଆଇବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଭାରତର କୋଭିଡ-୧୯ ଟୀକାକରଣ ଅଭିଯାନ ଅତ୍ୟନ୍ତ ମାନବୀୟ ଏବଂ ମହତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଉପରେଆଧାରିତ । ସେ କହିଥିଲେ ଯେ ସର୍ବାଧିକ ଆବଶ୍ୟକତା ରହିଥିବା ଲୋକମାନଙ୍କୁ ସର୍ବପ୍ରଥମେ ଟୀକା ଦିଆଯିବ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯେଉଁ ଲୋକମାନଙ୍କ ପ୍ରତି ଅଧିକ ସଂକ୍ରମଣର ଆଶଙ୍କା ରହିଥିବ, ସେମାନଙ୍କୁ ପ୍ରଥମେ ଟୀକା ଦିଆଯିବ । ସେ କହିଥିଲେ ଯେ ଆମର ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମୀ ଓ ଡାକ୍ତରଖାନାର ସଫେଇ କର୍ମଚାରୀଙ୍କର ଟୀକା ଉପରେ ପ୍ରଥମ ଅଧିକାର ରହିବ । ଏହି ପ୍ରାଥମିକତା ବ୍ୟବସ୍ଥା ଉଭୟ ସରକାରୀ ଏବଂ ଘରୋଇ କ୍ଷେତ୍ରର ଡାକ୍ତରଖାନାରେ କାର୍ଯ୍ୟକାରୀ ହେବ । ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ କୋଭିଡ-୧୯ ଟୀକାକରଣର ସର୍ବଭାରତୀୟ ଅଭିଯାନକୁ ଶୁଭାରମ୍ଭ କରିବା ପରେ ଦେଇଥିବା ଅଭିଭାଷଣରେ ପ୍ରଧାନମନ୍ତ୍ରୀ ଏହି ବିଚାର ବ୍ୟକ୍ତ କରିଥିଲେ ।

ପ୍ରଧାନମନ୍ତ୍ରୀ କହିଥିଲେ, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପରେ ଜରୁରି ସେବା ଯୋଗାଉଥିବା କର୍ମୀ ଏବଂ ଦେଶର ସୁରକ୍ଷା ଓ ଆଇନଶୃଙ୍ଖଳା ଦାୟିତ୍ୱରେ ଲୋକମାନଙ୍କୁ ଟୀକା ଦିଆଯିବ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆମର ସୁରକ୍ଷାବାହିନୀ, ପୁଲିସ କର୍ମୀ, ଅଗ୍ନିଶମ କର୍ମଚାରୀ ଓ ସଫେଇ କର୍ମଚାରୀମାନଙ୍କୁ ପ୍ରାଥମିକତା ଦିଆଯିବ । ଏହି ସଂଖ୍ୟା ପାଖାପାଖି ୩ କୋଟି ହେବ ଏବଂ ଭାରତ ସରକାର ଏମାନଙ୍କର ଟୀକାକରଣ ଖର୍ଚ୍ଚ ବହନ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

ଏହି ଅଭିଯାନ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ସମ୍ପର୍କରେ ବିସ୍ତାର ପୂର୍ବକ ସୂଚନା ଦେଇ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଦୁଇଟି ଡୋଜ ଟୀକା ନେବା ଲାଗି ସତର୍କ କରାଇ ଦେଇଥିଲେ । ସେ କହିଥିଲେ ଯେ ଦୁଇଟି ଡୋଜ ମଧ୍ୟରେ ଗୋଟିଏ ମାସର ବ୍ୟବଧାନ ରହିବ । ସେ ଲୋକମାନଙ୍କୁ ଟୀକାର ଦୁଇଟି ଡୋଜ ନେବା ପରେ ମଧ୍ୟ ସତର୍କତା ବଜାୟ ରଖିବା ନିମନ୍ତେ ନିବେଦନ କରିଥିଲେ । କାରଣ ଟୀକାର ଦ୍ୱିତୀୟ ଡୋଜ ନେବାର ଦୁଇ ସପ୍ତାହ ପରେ ମଣିଷ ଶରୀରରେ କରୋନା ବିରୋଧରେ ଆବଶ୍ୟକ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଥାଏ । ସମ୍ପୂର୍ଣ୍ଣ କରୋନା ବିରୋଧୀ ଲଢ଼େଇ ସମୟରେ ଦେଶବାସୀ ଯେପରି ଧୈର୍ଯ୍ୟର ପରିଚୟ ଦେଇଥିଲେ, ଟୀକାକରଣ ସମୟରେ ମଧ୍ୟ ସେପରି ଧୈର୍ଯ୍ୟର ପ୍ରଦର୍ଶନ କରିବା ଲାଗି ଶ୍ରୀ ମୋଦୀ ଦେଶବାସୀଙ୍କୁ ଅନୁରୋଧ କରିଥିଲେ ।

# ରାମେଶ୍ୱରମ୍

## ପ୍ରିୟତମା ମହାନ୍ତ



ରାମଂ ଲକ୍ଷଣଂ ପୂର୍ବଜଂ ରଘୁବରଂ ସୀତାପତିଂ ସୁନ୍ଦରଂ
କାକୁସ୍ଥଂ କରୁଣାକରଂ ଗୁଣନିଧିଂ ବିପ୍ରପ୍ରିୟଂ ଧାର୍ମିକଂ
ରାଜେନ୍ଦ୍ରଂ ସତ୍ୟସନ୍ଧଂ ଦଶରଥ ତନୟଂ ଶ୍ୟାମଳଂ ଶାନ୍ତମୂର୍ତ୍ତିଂ
ବନ୍ଦେ ଲୋକାଭିରାମଂ ରଘୁକୁଳ ତିଳକଂ ରାଘବଂ
ରାବଣାରିଃ ॥

ମନ ଯେତେବେଳେ ଯାହା ଚାହେଁ, ପାଏନା । ମନୁଷ୍ୟର ଇଚ୍ଛାକୁ ଈଶ୍ୱର ଯେତେବେଳେ ସ୍ୱୀକୃତି ଦିଅନ୍ତି, ତାହା କାର୍ଯ୍ୟକାରୀ ହୁଏ । ହଠାତ୍ ମନ ଖୋଜୁଥିବା ସୁଯୋଗ ଆପେ ଆପେ ଜୁଟିଯାଏ । ପିଲାଦିନେ ମୁଁ ମା ସରସ୍ୱତୀଙ୍କ ପୂଜା ପ୍ରାର୍ଥନା କରୁଥିଲି । ମାତ୍ର ପ୍ରକୃତିର ସୌନ୍ଦର୍ଯ୍ୟରେ ଆସକ୍ତି ମୋର ପ୍ରବଳ ଥିଲା । ସରସ୍ୱତୀଙ୍କ ଫଟୋଟିଏ ରଖିଥାଏ, ତାଙ୍କୁ ଚାହିଁ ପ୍ରାର୍ଥନା ଗୀତ ଗାଏ, ମୁଁ କ'ଣ ମାଗେ ଜାଣେନା, ଯାହାଭାବେ ପୂରଣ ହୋଇଯାଏ ।

ପ୍ରଜାପତିଟିଏ ଦେଖିଲେ ଖୁସିହୁଏ । ଫୁଲ ଗଛରେ ଅଗଣିତ ଫୁଲ ଦେଖି ଆଶ୍ଚର୍ଯ୍ୟ ହୁଏ, ଆକାଶରେ ବିଭିନ୍ନତାରା ଦେଖି ଦେଖି ଭାବେ, ଭଗବାନ ! ଏ ସବୁ କେମିତି ସୃଷ୍ଟି କଲ ? ଭୂଗୋଳ ପଢିବା ବେଳେ ମାନଚିତ୍ର ଦେଖେ ଉତ୍ତର ଦିଗର ପ୍ରାକୃତିକ ସୀମା ରକ୍ଷକ ଉତ୍ତୁଙ୍ଗ ହିମାଳୟ ପର୍ବତମାଳା, ତାପରେ ଆଖିଯାଏ ଦକ୍ଷିଣ ଦିଗର ଶେଷ ସୀମାକୁ । ଭାରତ ମହାସାଗର ଆଡ଼କୁ ଦୃଷ୍ଟିଯାଏ, ପୂର୍ବରେ ବଙ୍ଗୋପସାଗର ଓ ପଶ୍ଚିମରେ ଆରବ ସାଗର । ସତରେ କ'ଣ ଏମାନେ ଭାରତ ମାତା ମନ୍ଦିରରେ ଗୋପୁରମ୍ କି ? ପୁଣ୍ୟ ଭୂମିର ପ୍ରଶଂସା ଗାନ ବେଳେ କବି କହନ୍ତି ଆକୁମାରୀ ହିମାଚଳ ଯାଏ ବିସ୍ତୃତି ମୋ ଦେଶ ଭାରତର ପୂଣ୍ୟଭୂମି ସ୍ୱର୍ଣ୍ଣପ୍ରସୁ ମାଆ ସେ ।

ଏହି ଦୃଶ୍ୟ ମୋତେ କେତେବେଳେ ଈଶ୍ୱରଙ୍କ କରୁଣାଦାନ ତ କେତେବେଳେ ଦେଶାତ୍ମବୋଧ ଭାବ ଓ ଆଉ କେତେବେଳେ ପ୍ରକୃତିର ଅପରୂପ ଶୋଭା ଦେଖାଏ । ଏଇଥି ପାଇଁ ବୋଧହୁଏ ଆମ ଠାକୁର ମାନେ ଏହି ସବୁ ସ୍ଥାନ ରହଣି ରୂପେ ବାଛି ନେଲେ । ସେତେବେଳେ କେବେ ବି କଳ୍ପନା କରି ନ ଥିଲି ଦିନେ ଏ ସବୁ ଦେଖିବାର ସୁଯୋଗ ମୋ ଭାଗ୍ୟରେ ଜୁଟିବ ।

ଗାଁରେ ଦୋଳଯାତ୍ରା ସମୟରେ ମେଲଣ ପଡିଆ ମାନଙ୍କରେ ବିମାନ ବସି ଭୋଗ ଖାଆନ୍ତି । ରାଧାକୃଷ୍ଣ ଙ୍କୁ ଧରି ବିମାନମାନେ ଶୋଭାଯାତ୍ରା ରେ ଆସନ୍ତି । ଦିନବେଳେ ଯାତ୍ରା ହୁଏ । ଏବେ ରାତ୍ରି ମେଲଣ ହେଲାଣି । ସେହି ସମୟରେ ଯାତ୍ରାଦଳ ରାମାୟଣ ଓ ମହାଭାରତ ବିଷୟ ବସ୍ତୁକୁ ନେଇ ଅଭିନୟ କରନ୍ତି । ପୁଅ ମାନେ ପୁଅ ଓ ଝିଅ ଉଭୟ ଭାବରେ ଅଭିନୟ କରନ୍ତି । ରାଜା, ରାଣୀ, ଦୂତ ସାଜି ଗୀତ ଓ ଅଭିନୟ ମାଧ୍ୟମରେ ସୁନ୍ଦର ସୁନ୍ଦର ପୋଷାକ ପିନ୍ଧି ଦର୍ଶକଙ୍କୁ ବିମୋହିତ କରନ୍ତି । ଏମିତି ଏକ ଯାତ୍ରାଦଳ ଅଭିନୟରେ ପିଲାଦିନେ ମୁଁ ରାମଲୀଳା ଦେଖିଛି, ରାବଣ ସୀତାଙ୍କୁ ଟାଣି ଟାଣି ନେବା, ହନୁମାନ ଏ ଡାଳ ସେ ଡାଳ ଡେଇଁ ସୀତାଙ୍କୁ ସନ୍ଧାନ କରିବା, ସେତୁବନ୍ଧ ବାନ୍ଧିବା, ଗୁଣ୍ଡୁଚି ମୂଷାର ସେତୁରେ ଓଦା ହୋଇ ବାଲି ଝାଡି ଦେଇ ସାହାଯ୍ୟ କରିବା ଦୃଶ୍ୟ ମୋ ମନରେ ଗଭୀର ରେଖାପାତ କରିଥିଲା । ସେତେବେଳେ ଭାବୁଥିଲି ସମୁଦ୍ର ବାନ୍ଧି ହେବ ଏ କ'ଣ ସମ୍ଭବ ? ଭାରି ଆଶ୍ଚର୍ଯ୍ୟ ଲାଗୁଥିଲା, ଭାବନା ସେଇଠି ରହିଗଲା ।

ହଠାତ ସେ ସମୟ ଓ ସୁଯୋଗ ଆସି ପହଞ୍ଚିଲା । ସମୁଦ୍ର ଦେଖିଲି, ସେତୁ ବନ୍ଧର କିୟଦଂଶ ମଧ୍ୟ ଦେଖିଲି । ଆମ ପୁଅ ବାପୁ (ସରୋଜ) ମାଡ୍ରାସରେ (ବର୍ତ୍ତମାନର ଚେନ୍ନାଇ) ପଢୁଥାଏ । ଦିନେ ଚିନ୍ତା କଲୁ ଏପ୍ରିଲ ମାସରେ ତାକୁ ଦେଖା କରିବାକୁ ଯିବା । ୧୯୮୬ ମସିହାର କଥା । ଏହା ସହିତ ଦକ୍ଷିଣ ଭାରତର ଆଉ କେତେକ ଦର୍ଶନୀୟ ସ୍ଥାନ ଦେଖିବା ଯୋଜନା ହେଲା । ମୁଖ୍ୟ ଲକ୍ଷ୍ୟ ଥାଏ ରାମେଶ୍ୱର ଦର୍ଶନ । ପନ୍ଦର ଦିନ ଛୁଟି ନେଇ ଯାହା ଦେଖି ହେବ, ବ୍ୟବସ୍ଥା ସବୁ ହେଲା । ଯିବା ଆସିବା ଟିକେଟ କରାଗଲା କିନ୍ତୁ ରାମେଶ୍ୱର ଓ ପଣ୍ଡିଚେରୀ ସର୍ବ ଶେଷରେ ଦର୍ଶନ । ଫେରିଲା ବେଳେ ପୁଅକୁ ଆଉ ଥରେ ଦେଖା କରି ଘରକୁ ଫେରିବା । ଏଣୁ ମୁଁ ମୋ ସ୍ୱାମୀ, ଭାଇ ଭାଉଜ ଭୁବନେଶ୍ୱରୁ କରମଣ୍ଡଳ ଏକ୍ସପ୍ରେସରେ ମାଡ୍ରାସ ଯାତ୍ରା କଲୁ । ସେଠାରେ ପହଞ୍ଚି ସେହି ଦିନ ଯେତିକି ସମୟ ପାଇଲୁ ମାଡ୍ରାସର ଦର୍ଶନୀୟ ସ୍ଥାନ ଦେଖିନେଲୁ ।

ଦର୍ଶନୀୟ ସ୍ଥାନ ମଧ୍ୟରେ ମେରିନା ବିଚ, ଷ୍ଟାଡିୟମ, ଆନା ୟୁନିଭରସିଟି, ବଡ ବଡ ମାର୍କେଟ ଇତ୍ୟାଦି ଦେଖିଲୁ । ପୁଅ ଆମ ରାତ୍ରି ରହଣିର ବ୍ୟବସ୍ଥା କରିଦେଲା ।

ତା'ପର ଦିନ ବସରେ ବାଙ୍ଗାଲୋର ବାହାରିଲୁ, ବର୍ତ୍ତମାନ ବାଙ୍ଗାଲୋର ନାମ ବେଙ୍ଗାଲୁର ହୋଇଛି, ସେଠାରେ ବଟାନିକାଲ ଗାର୍ଡେନ, ବିଧାନସୌଧ, ବିଶ୍ୱେଶ୍ୱରାୟା ମିଉଜିୟମ ବଡ ଲେକ୍‌ଟିଏ ଓ ମାର୍କେଟ କମ୍ପ୍ଲେକ୍ସ ବୁଲିଲୁ । ରାତିରେ ରହି ମହୀଶୂର ଅଭିମୁଖେ ସକାଳେ ବାହାରିଲୁ । ବାଟରେ ଟିପୁ ସୁଲତାନ ପ୍ୟାଲେସ, ବିଷ୍ଣୁଙ୍କର ଅନନ୍ତ ଶୟନରେ ରଙ୍ଗନାଥ ସ୍ୱାମୀ ମନ୍ଦିର ଦର୍ଶନ କଲୁ ।

ମହୀଶୂରରେ ଅନେକ ଦେଖିବାର ସ୍ଥାନ ଅଛି । ତନ୍ମଧ୍ୟରେ ଆମେ ମହୀଶୂର ପ୍ୟାଲେସ, ପ୍ୟାଲେସ ର ସୁବର୍ଣ୍ଣ ନିର୍ମିତ ସିଂହାସନ, ମିଉଜିୟମ ବୁଲି ଦେଖିଲୁ । ଦଶହରା ସମୟରେ ମହୀଶୂର ପ୍ୟାଲେସ୍‌ର ଆଲୋକ ସଜ୍ଜା ଅତି ଚମତ୍କାର । ସେଠାରୁ ଚାମୁଣ୍ଡାହିଲ୍‌କୁ ଚାମୁଣ୍ଡା ଦେବୀଙ୍କ ପୂଜା ନିମନ୍ତେ ଏକ ଶୋଭାଯାତ୍ରା ବାହାରେ ଓ ସେଥିରେ ରାଜାଙ୍କ ହାତୀକୁ ସଜାଇ ନିଆଯାଏ ବୋଲି ଶୁଣିବାକୁ ପାଇଲୁ । ଆମେ ଚାମୁଣ୍ଡା ହିଲ ଦେଖିବାକୁ ଏକ ଟ୍ୟାକ୍ସିରେ ବାହାରିଲୁ । ପାହାଡ ଉପରକୁ ଉଠିଲା ବେଳେ ଭାରି ଭୟଲାଗୁ ଥାଏ, ସିନା ମାତ୍ର ପ୍ରାକୃତିକ ଶୋଭା ଅବର୍ଣ୍ଣନୀୟ । ପାହାଡ ଉପରକୁ ଗାଡି ଭୟଙ୍କର ଶବ୍ଦ କରି ଗତି କରୁଥାଏ । ଦୁଇ ପଟେ ଜଙ୍ଗଲ ଓ ଛୋଟ ପାହାଡ । ସମଗ୍ର ସହର ସେଠାରୁ ଦେଖାଯାଉଥାଏ ।

ଉପରେ ମା'ଙ୍କର ମନ୍ଦିର ଓ ଶିବ ମନ୍ଦିର ମଧ୍ୟ ଅଛି । ଆମେ ଫୁଲ, ଭୋଗ, ଧୂପ ଓ ଦୀପ ଦେଇ ପୂଜାଦେଲୁ, ଶିବଙ୍କ ସମ୍ମୁଖରେ ପ୍ରକାଣ୍ଡ ନନ୍ଦୀ ରହିଛନ୍ତି, ଚାମୁଣ୍ଡା ହିଲରୁ ଫେରି ସେଠାକାର ସୁପ୍ରସିଦ୍ଧ ବୃନ୍ଦବନ ଗାର୍ଡେନ ଯାଇ ଯାହା ଦେଖିଲୁ ତାକୁ ବର୍ଣ୍ଣନା କଲେ କମ୍ ହେବ । ଆଖିକୁ ସେ ସୁନ୍ଦର ଦୃଶ୍ୟ ବିଶ୍ୱାସ କରିହେଉ ନଥାଏ କେବଳ ଅନୁଭବ କରିବା କଥା । ତାର ଆଲୋକ ସଜ୍ଜା ଅତି ଚମତ୍କାର । ସଂଗୀତର ଧ୍ୱନି ଅନୁସାରେ ଫୁଆରା ଗୁଡ଼ିକର ଜଳର ଉତ୍‌ଥାନ ପତନର ଦୃଶ୍ୟ ଓ ନୃତ୍ୟଭଙ୍ଗୀ ବର୍ଣ୍ଣନାତୀତ । କୃଷ୍ଣ ରାଜସାଗର ଡ୍ୟାମ ତାର ଜଳ ନିଃର୍ଗତର ଦୃଶ୍ୟ ଓ ଜଳ ଭଣ୍ଡାର ମଧ୍ୟ ସୁଶୋଭିତା ଏହି କୃଷ୍ଣରାଜ ସାଗର ଡ୍ୟାମର ପ୍ଲାନ ବିଶ୍ୱେଶ୍ୱରିୟା ଦ୍ୱାରା ତିଆରି ହୋଇଥିଲା । ଏହାର ବଟାନିକାଲ ଗାର୍ଡେନ ମଧ୍ୟ ଅତି ସୁନ୍ଦର ଓ ସୁଶୋଭିତ । ମହୀଶୂର ସହରକୁ ଛାଡି ଆସିବାକୁ ଆଦୌ ମନ ଚାହୁଁ ନ ଥିଲା ତଥାପି ଫେରିବାକୁ ତ ହେବ ।

ମହୀଶୂରରୁ କେରଳ ଅଭିମୁଖେ ଯାତ୍ରା । କେରଳର ରାଜଧାନୀ ତ୍ରିଭେନ୍ଦ୍ରମ୍‌ର ନାମ ବଦଳୀ ଯାଇଛି । ଥିରୁ ଅନନ୍ତପୁରମ୍ ଏହାର ରାଜଧାନୀ । ଏଠାକାର ପ୍ରସିଦ୍ଧ ଶ୍ରୀ ପଦ୍ମନାଭଜୀ ମନ୍ଦିରରେ ପଦ୍ମନାଭ ସ୍ୱାମୀଙ୍କ ଅନନ୍ତ ଶୟନର ମୂର୍ତ୍ତି ପଞ୍ଚଫଣା ବିଶିଷ୍ଟ ଅନନ୍ତ ପଦ୍ମନାଭ ଙ୍କ ମସ୍ତକ କୁ ଢାଙ୍କି ରହିଛନ୍ତି । ପ୍ରଭୁଙ୍କ ମସ୍ତକ ଦକ୍ଷିଣ ପଟକୁ ଏବଂ ପାଦ ଉତ୍ତର ପଟକୁ ରହିଅଛି ସେ ସତ୍ତ୍ୱ, ରଜ, ତମ ତ୍ରିଗୁଣର ଅଧିକାରୀ । ବ୍ରହ୍ମା ତାଙ୍କର ନାଭିପଦ୍ମରୁ ଜାତ ହୋଇ ପଦ୍ମନାଭରେ ଥାଇ ବାମ ପାର୍ଶ୍ୱରେ ଶୋଭିତ, ଦକ୍ଷିଣ ବାହୁର ନିମ୍ନରେ ଶିବ ବିରାଜମାନ । ତାଙ୍କର ଦୁଇ ପାର୍ଶ୍ୱରେ ଶ୍ରୀଦେବୀ ଓ ଭୂଦେବୀ ପୂଜା ପାଉଛନ୍ତି ।

ମନ୍ଦିରର ତିନୋଟି ଦ୍ୱାର ରହିଅଛି । ପ୍ରଥମ ଦ୍ୱାର ପାଖକୁ ଶିବ ରହିଛନ୍ତି, ଦ୍ୱିତୀୟ ଦ୍ୱାରରେ ଶ୍ରୀଦେବୀ, ଭୃଗୁ ଓ ବ୍ରହ୍ମା ପଦ୍ମାସୀନ, ତୃତୀୟ ଦ୍ୱାରକୁ ପ୍ରଭୁଙ୍କ ପାଦ, ପାଖରେ ଭୂଦେବୀ, ମାର୍କଣ୍ଡେୟ ଆଦି ଋଷି ବିଦ୍ୟମାନ, ସୁବର୍ଣ୍ଣ ଓ ରୌପ୍ୟ ନିର୍ମିତ ଉତ୍ସବ ମୂର୍ତ୍ତି ମଧ୍ୟ ପୂଜା ପାଉଛନ୍ତି । ଶାଳଗ୍ରମା ମୂର୍ତ୍ତି କୁହାଯାଏ । ଭାରତୀୟ ବାଦାମ ବୃକ୍ଷରୁ (Almond) ତିଆରି । ୧୨୦୦୦ ଶାଳଗ୍ରାମ ଗଣ୍ଡୁକୀ ନଦୀରୁ ସଂଗୃହୀତ ହୋଇ ପୂଜା ପାଉଛନ୍ତି ଗଣେଷ, କାଳୀୟ ଦଳନ କୃଷ୍ଣ, ନୃସିଂହ, ହନୁମାନ, ଅଷ୍ଟନାଗ, ଗରୁଡ ଓ ମେରୁଚକ୍ର ବିଦ୍ୟମାନ ଅଛନ୍ତି । ଏହା ଏକ ପ୍ରସିଦ୍ଧ ଧନଶାଳୀ ମନ୍ଦିର । ଅଗ୍ରଭାଗ ସୁବର୍ଣ୍ଣ ସ୍ତମ୍ଭ, ସୁବର୍ଣ୍ଣ ଖଚିତ କାନ୍ଥ ଓ ସୁବର୍ଣ୍ଣ ଆସ୍ଥାନ ।

ନିକଟରେ ଏକ ବୃହତ ପୁଷ୍କରିଣୀ ଅଛି । ତାହା ବେଢା ମଧ୍ୟରେ ଅବସ୍ଥିତ ଓ କ୍ଷୀର ସାଗର ନାମରେ କଥିତ । ପ୍ରଭୂ ଗର୍ଭଗୃହରେ ପୂଜିତ । ସଭାମଣ୍ଡପଟି ବିରାଟ ଓ ପ୍ରଶସ୍ତ । ଅନେକ ସୁଉଚ୍ଚ ସ୍ତମ୍ଭ ଅଛି । ସ୍ତମ୍ଭ ଗୁଡିକ ଦେଖିବାକୁ ଭାରି ସୁନ୍ଦର ଓ ଦୀପମାନ ପ୍ରଜ୍ୱଳିତ ହୋଇ ସୌନ୍ଦର୍ଯ୍ୟ ବହୁଗୁଣିତ କରୁଅଛନ୍ତି । ତାପରେ ଆମେ ଆରବ ସାଗରର କୋଭାଲମ୍ ବିଚ ଦେଖିବାକୁ ଗଲୁ । ଆରବ ସାଗରର ବାଲି ଗୁଡ଼ିକ ଦେଖିବାକୁ କୃଷ୍ଣ ବର୍ଣ୍ଣର ମୁରୁଜ ପ୍ୟାକେଟ ପରି କଳା ଓ ଧଳା ବାଲି ବିକ୍ରୀ ହେଉଥାଏ । ବାଲି ପ୍ୟାକେଟ କିଣିଲୁ । ସେଠାରେ ପ୍ରଚୁର ନଡିଆ ଗଛ ଅଛି । ନଡିଆ ଷଢେଇର ବିଭନ୍ନ କାରୁକାର୍ଯ୍ୟ ପୂର୍ଣ୍ଣ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ପାଉଡର କେସ, ଫୁଲଦାନୀ ଇତ୍ୟାଦି ବିକ୍ରୀ ହେଉଥାଏ । ସହରଟି ଭାରି ପରିଷ୍କାର ।

ତାପରେ ମହାବଳି ପୁରମ୍ ଦର୍ଶନ ଅଭିଳାଷରେ ଯାତ୍ରା । ସେଠିକାର ସମୁଦ୍ରର ବେଳା ଭୂମି ଅତି ସୁନ୍ଦର ଓ ପରିଷ୍କାର ସମୁଦ୍ରର ତରଙ୍ଗ ଏତେ ଭୟ ଲାଗୁ ନ ଥାଏ, ସେଠାରେ ମଠ ପରି ଛୋଟ ମନ୍ଦିର ମାନ ରହିଛି । ସେଠାରୁ ପକ୍ଷୀତୀର୍ଥମ୍ ଗଲୁ ପାହାଡ ଉପରେ ମନ୍ଦିରଟିଏ ଅଛି ଅନେକ ପାହାଡ ଚଢି ଚଢି ଯିବାକୁ ହୁଏ । ଉପରକୁ ଗଲେ ଦୁଇଟି ପକ୍ଷୀଙ୍କୁ ଦେଖିହେବ ମନ୍ଦିରର ପୂଜକ ଦୁଇଟି ବଡ ଗରାରେ ଭୋଗ ଖେଚୁଡି ଆଣି ପକ୍ଷୀ ଦୁଇଟିଙ୍କୁ ଅପେକ୍ଷା କରିଥାନ୍ତି । କେତେବେଳେ ପକ୍ଷୀ ଦୁଇଟି ଆସି ସେହି ଗରାଉପରେ ବସି ଭୋଗ ଖାଇବେ, କେଉଁ ଆଡୁ ଉଡି କରି ଆସିବେ ଆମେ ଆଗ୍ରହରେ ଆକାଶକୁ ଚାହିଁ ଅପେକ୍ଷା କରିଥାଉ । ତାପରେ ହଠାତ୍ ଦୁଇଟି ପକ୍ଷୀ ଉଡିଆସି ଖାଇ ଦେଇ ସାଙ୍ଗେ ସାଙ୍ଗେ କେଉଁ ଆଡେ ଉଡିଗଲେ ଜାଣି ପାରିଲୁ ନାହିଁ । ଧଳା ପାରାପରି ଦେଖିବାକୁ କିନ୍ତୁ ଆକାରରେ ବହୁତ ବଡ ପୂଜକ କହିଲେ କେହି ଋଷି ଏହି ରୂପରେ ପ୍ରସାଦ ପାଇବାକୁ ଆସନ୍ତି, ଟିକେ ପ୍ରସାଦ ଆଣିବାକୁ ମୋ ବାପା କହିଥିଲେ । ପ୍ରସାଦ ଟିକେ ଆଣି ରୁମାଲିରେ ବାନ୍ଧି ରଖିଲି । ପ୍ରସାଦରେ ବହୁତ ଘିଅ ଲାଗିଥିବାରୁ ଅନେକ ଦିନ ପର୍ଯ୍ୟନ୍ତ ରହି ପାରିଲା ଠିକ୍ ନିର୍ମାଲ୍ୟ ପରି ହୋଇଗଲା ସେହି ପ୍ରସାଦର ସ୍ୱାଦ ଅମୃତ ପରି ଲାଗୁଥାଏ । ଫଟୋ ମଧ୍ୟ କିଣିଲୁ ।

କିଛି ସମୟ ରହି ନିକଟରେ ଭୋଜନାଳୟରେ ମଧ୍ୟାହ୍ନ ଭୋଜନ ସାରି ବସ୍‌ରେ ମଦୁରାଇ ଅଭିମୁଖେ ଯାତ୍ରା କଲୁ । ମଦୁରାଇରେ ମିନାକ୍ଷୀ ଦେବୀଙ୍କ ମନ୍ଦିର ପ୍ରସିଦ୍ଧ । ଏହି ମନ୍ଦିର ଦାକ୍ଷିଣାତ୍ୟ ଶୈଳୀରେ ନିର୍ମିତ । ପ୍ରଥମେ ଗୋପୁରମ୍ ଦେଖି ଆଶ୍ଚର୍ଯ୍ୟ ହୋଇଗଲୁ । ଗୋପୁରମ୍‌ଟି ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ । ମନ୍ଦିରରେ ଶିବଲିଙ୍ଗ ମଧ୍ୟ ପୂଜା ହେଉଛନ୍ତି, ଶିବ ସୁନ୍ଦରେଶ୍ୱର ନାମରେ ଖ୍ୟାତ । ମନ୍ଦିରର ଗର୍ଭଗୃହରେ ଦୁଇଟି ସୁବର୍ଣ୍ଣ ବିମାନ ରହିଅଛି । ମା'ଙ୍କ ମୂର୍ତ୍ତି ମୁଗୁନି ପଥରରେ ନିର୍ମିତ । ସୁବର୍ଣ୍ଣରେ ଭୂଷିତ ମା'ଙ୍କର ମୂର୍ତ୍ତି କମନୀୟ । ସୁନା ପାଲିଙ୍କିଟିଏ ଭେଟ ମଣ୍ଡପରେ ରଖାଯାଇଥା । ମା ନିର୍ଦ୍ଦିଷ୍ଟ ପୂଜା ଦିନରେ ପାଲିଙ୍କିରେ ବେଢା ପରିକ୍ରମା କରନ୍ତି । ମନ୍ଦିର ବେଢାରେ ଏକ ପୁଷ୍କରିଣୀ ଅଛି । ପାଦୁକା ପୁଷ୍କରିଣୀକୁ ପଦ୍ମ ପୁଷ୍କରିଣୀ ମଧ୍ୟ କହନ୍ତି (Golden Lotus) । ଫେରିଲା ବେଳେ ସେହି ପୁଷ୍କରିଣୀର ପାହାଚରେ ବସିଲୁ

(ଚତୁର୍ଥ ପୃଷ୍ଠା ଦେଖନ୍ତୁ)

# ଧାନମଣ୍ଡି ବନ୍ଦ ପ୍ରତିବାଦରେ ଚାଷୀଙ୍କ ରାସ୍ତାରୋକ

କାଳିମେଳା, (ସ୍ୱପ୍ର) : ଧାନମଣ୍ଡି ବନ୍ଦ ପ୍ରତିବାଦରେ ଆଜି ଶତାଧିକ ଚାଷୀ ମାଲକାନଗିରିର ଜାତୀୟ ରାଜପଥରେ ଧାନବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି । ଫଳରେ ଉଭୟ ପଟେ ଯାନବାହାନ ଅଟକି ରହିଛି । ଏହି ଧାରଣାକୁ ଜିଲ୍ଲା କଂଗ୍ରେସ କମିଟି ମଧ୍ୟ ସମର୍ଥନ କରିଛି । ଏଥିରେ କଂଗ୍ରେସ ନେତା ପ୍ରଦୀପ ମାଝୀଙ୍କ ସହ ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ରାମ ପଟ୍ଟନାୟକ, କାଳିମେଳା ବ୍ଲକ ଅଧକ୍ଷ ମାଳା ମାଡି, ଜିଲ୍ଲା ପରିଷଦ ସଭ୍ୟ ଉମ ରାୟଙ୍କ ସହ ଶତାଧିକ ଚାଷୀ ଯୋଗ ଦେଇଛନ୍ତି । ମାଣ୍ଡିରୁ ଧାନ ନ ଉଠିବା ଯାଏ ଧାରଣା ଜାରି ରହିବ ବୋଲି ପ୍ରଦୀପ ମାଝୀ ଚେତାବନୀ ଦେଇଛନ୍ତି ।



ଡିସେମ୍ବର ମାସରୁ ଆରମ୍ଭ ହୋଇଥିବା ଧାନମଣ୍ଡି ଆଜିଠାରୁ ବନ୍ଦ ହୋଇଯିବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି । ସ୍ଥାନୀୟ ବୁଦ୍ଧିଜୀବୀମାନେ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି ।

# ପୁଲିସକୁ ମିଳିଲା ବଡ ସଫଳତା : ୨୧ ମୋଟର ସାଇକେଲ୍ ଜବତ, ୯ ଗିରଫ

ଆସିକା, (ନିପ୍ର) : ପୁଲିସ୍‌କୁ ମିଳିଲା ବଡ ସଫଳତା, ବାଇକ୍ ଚୋରି ର୍ୟାକେଟ୍‌କୁ ଧରିବାରେ ସଫଳ ହୋଇଛି ଆସିକା ପୁଲିସ । ଗତ ୧୪ ତାରିଖରେ ଏକ ବାଇକ୍ ଚୋରି ତଦନ୍ତ କରୁଥିବା ବେଳେ ଏହି ରେକେଟର ପର୍ଦ୍ଦାଫାସ କରିଥଲା ପୁଲିସ । ତେବେ ଏହି ଲୁଟେରା ମାନେ ଦକ୍ଷିଣ ଓଡିଶା ସମେତ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରୁଥିବା ବେଳେ ଏମାନଙ୍କର ଗ୍ୟାଙ୍ଗର ତିନିଜଣ ଲୁଟେରା ବାଇକ୍‌କୁ ଚୋରି କରିବା ପରେ ୪ଟି ଗ୍ୟାରେଜ୍‌ରେ ବାଇକ୍ ଗୁଡିକର ଇଂଜିନ କାଢି ବିକ୍ରି କରୁଥିଲେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ ସୂଚନା ଦେଇଛି । ତେବେ ଏହି ଘଟଣାରେ ପୁଲିସ ୨୧ଟି ମଟର ସାଇକେଲ ଜବତ କରି



୯ଜଣଙ୍କୁ ଗିରଫ କରିବା ସହ ୧୧, ୧୨, ୨୨/୨୦୨୧ରେ ତିନୋଟି ମାମଲା ରୁଜୁକରି ଗିରଫ ହୋଇଥିବା ୯ଜଣଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ ।

# ବେଆଇନ ଗୋରୁ ବୋଝେଇ ଗାଡି ଓଲଟି ୫ଗୋରୁ ମୃତ

ଭଦ୍ରକ, (ନିପ୍ର) : ବେଆଇନ୍ ଗୋରୁ ବୋଝେଇ ଗାଡି ଓଲଟି ୫ଗୋରୁଙ୍କ ମୃତ ହୋଇଛି ବୋଲି ଖବର ମିଳିଛି । ବେଆଇନ ଗୋରୁ ବୋଝେଇ ପିକଅପ ଗାଡି ୩୦ରୁ ଅଧିକ ଗୋରୁଙ୍କୁ ନେଇ ଧାମନଗର ଆଡକୁ ଯାଉଥିଲା । ତେବେ ଗାଡିଟି ଦ୍ରୁତ ଗତିରେ ଥିବାରୁ ଭଦ୍ରକ ଜିଲ୍ଲା ଧାମନଗର ଥାନା ଭଣ୍ଡାରିପଦି ଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା ଫଳରେ ଘଟଣା ସ୍ଥଳରେ ୫ଟି ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ଜୀବିତ ଥିବା ଅନ୍ୟ ଗୋରୁ ଗୁଡିକ ପଳାଇ ଯାଇଛନ୍ତି । ଉତ୍ୟକ୍ତ ଲୋକେ ଗୋରୁଙ୍କ ମୃତଦେହ ରଖି ଭଦ୍ରକ ଧାମନଗର ରାସ୍ତା ଅବରୋଧ କରିଛନ୍ତି । ଗାଡି ଚ଼ାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି ।



# ବହୁ ଚର୍ଚ୍ଚିତ ପାଟଣାଗଡ ପାର୍ସଲ ବୋମା ଘଟଣା : ଅଭିଯୁକ୍ତ ପୁଞ୍ଜିଲାଲଙ୍କ ଜାମିନ ଶୁଣାଣି ଫେବୃଆରୀ ୧ରେ



କଟକ, (ନିପ୍ର) : ବହୁଚର୍ଚ୍ଚିତ ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ଅଭିଯୁକ୍ତ ପୁଞ୍ଜିଲାଲ ମେହେରର ଜାମିନ ଆବେଦନ ଉପରେ ଆସନ୍ତା ଫେବୃଆରୀ ୧ ତାରିଖ ଦିନ ଶୁଣାଣି କରାଯିବ । ଜଷ୍ଟିସ୍ ସଙ୍ଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠରେ ତାଙ୍କ ଜାମିନ ଆବେଦନର ଶୁଣାଣି ଚାଲିଛି ।

ପୂର୍ବରୁ ୨୦୨୦ ଜୁନ୍ ୨୯ରେ ପୁଞ୍ଜିଲାଲ ବିରୋଧରେ ବିଚାରାଧୀନ ମାମଲାର ସ୍ଥିତି ସଂପର୍କରେ ହାଇକୋର୍ଟ ପାଟଣାଗଡ ଏଡିଜେ ଅଦାଲତରୁ ରିପୋର୍ଟ ତଲବ କରିଥିଲେ । ଏ ସଂପର୍କିତ ରିପୋର୍ଟ ହାଇକୋର୍ଟରେ ଦାଖଲ ହୋଇଥିଲା ।

# ବରଗଡ଼ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ ଚେତାବନୀ

ବରଗଡ଼, (ନିପ୍ର) : ୩ ଦଫା ଦାବୀରେ ବରଗଡ଼ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ ଚେତାବନୀ ଦେଇଛନ୍ତି । ଆଜି ସଂଘର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂଘ ସଭାପତି ଶ୍ୟାମ ସୁନ୍ଦର ଅଦାବର ୩ ଦଫା ଦାବୀ ସଂପର୍କରେ



ଅବଗତ କରାଇବା ସହ ଏହାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ଠାରେ ଦାବି କରିଥିଲେ । ଦାବୀ ମଧ୍ୟରେ ବରଗଡ଼ ପୌର ପରିଷଦ ପକ୍ଷରୁ ହୋଲଡିଙ୍ଗ ଟେକ୍ସର ଅହେତୁକ ବୃଦ୍ଧି, ବରଗଡ଼ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରେ ଶିତଳତା ଏବଂ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଯୋଗୁଁ ସମ୍ମିଳନୀରେ ସଂଘ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ କରାଯାଇଥିଲା । ଆସନ୍ତା ଦିନରେ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା । ସମ୍ମିଳନୀରେ ସମ୍ପାଦକ ହରିହର ସାହୁ, ଉପ ସଭାପତି ମାନଭଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଘୋଡାର ଗ୍ରାମ ଏବଂ ଅମ୍ବୁର୍ଲା ଗାଁରେ ଉଠା ଜଳସେଚ଼ନ ପ୍ରକଳ୍ପର ଶିଳାନ୍ୟାସ କଲେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ

ଟିଟିଲାଗଡ଼, (ନିପ୍ର) : ଗତକାଲି ଶନିବାର ଟିଟିଲାଗଡ଼ ବିଧାୟିକା ତଥା ମନ୍ତ୍ରୀ ଟୁକୁନି ସାହୁ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଘୋଡାର ଗାଁ ଏବଂ ଅମ୍ବୁର୍ଲା ଗାଁରେ ଉଠା ଜଳସେଚ଼ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଟୁକୁନି ସାହୁ ଘୋଡାର ଗାଁରେ ଯଥାକ୍ରମେ ଉଠା ଜଳସେଚ଼ନ ପ୍ରକଳ୍ପ ୧, ୨ ଏବଂ ୩ର ଶିଳାନ୍ୟାସ କରିଛନ୍ତି । ଏଥିପାଇଁ ଏକ ନମ୍ବର ଉଠା ଜଳସେଚ଼ନ ପ୍ରକଳ୍ପ ପାଇଁ ଅଣତିରିଶ ଲକ୍ଷ ଅଶି ହଜାର ଆଠ ଶହ ଟଙ୍କା ଅଟକଳ ବ୍ୟୟ ବରାଦ ରଖା ଯାଇଥିବା ବେଳେ ଦୁଇ ନମ୍ବର ଏବଂ ତିନି ନମ୍ବର ପ୍ରକଳ୍ପ ପାଇଁ ତିରିଶ ଲକ୍ଷ ପଂଚସ୍ତରୀ ହଜାର ତିନି ଶହ ଟଙ୍କା ଏବଂ ତିରିଶ ଲକ୍ଷ ଛଅ ଶହ ଟଙ୍କା ଅଟକଳ ରଖା ଯାଇଛି ।

ଠିକ୍ ସେହିପରି ଅମ୍ବୁର୍ଲା ଗାଁର ଉଠା ଜଳସେଚ଼ନ ପ୍ରକଳ୍ପ ପାଇଁ ଅଣତିରିଶ ଲକ୍ଷ ତେୟାସି ହଜାର ପାଂଚ ଶହ ଏବଂ ଏକତିରିଶ ହଜାର ଛାୟାଳିଶ ଲକ୍ଷ ଚାରି ଶହ ଟଙ୍କା ଅଟକଳ ବ୍ୟୟ ବରାଦ ହୋଇଛି । ଏହି ଉଠା ଜଳସେଚ଼ନ ପ୍ରକଳ୍ପ ମାଧ୍ୟମରେ ରବି ଚାଷ ଏବଂ ଖରିଫ ଚାଷ ପାଇଁ ତିନି ଶହ ହେକ୍ଟର




ଜମିରେ ପାଣି ମାଡ଼ିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି । ଏହି ପ୍ରକଳ୍ପ ଗୁଡିକର ଶିଳାନ୍ୟାସ ସମୟରେ ନିର୍ବାହୀ ଯନ୍ତ୍ରୀ ରଂଜିତ କୁମାର ଗାନ ଏବଂ ଟିଟିଲାଗଡ଼ ଲିଫ୍ଟ ଇରିଗେସନ ଅଧିକାରୀ ଏସ.ଡ଼ି.ଓ. ଅମୃତ କୁମାର ବାଗ ଉପସ୍ଥିତ ରହିଥିଲେ । ପରେ ଅମ୍ବୁର୍ଲା ଗାଁରେ ଏକ ନୂତନ ଅଙ୍ଗନୱାଡି କୋଠାକୁ ମନ୍ତ୍ରୀ ଫିତା କାଟି ଉଦଘାଟନ କରିଥିଲେ ।

ମନ୍ତ୍ରୀଙ୍କ ଗସ୍ତ ସମୟରେ ଘୋଡାର ଗାଁର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମନ୍ତ୍ରୀଙ୍କୁ ନିଜ ମାଛ ଚାଷ କରିଥିବା ପୋଖରୀକୁ ପାଛୋଟି ନେଇଥିଲେ । ପରେ ବହୁ ରକମର ଦେଶୀ ମାଛ ଚାଷ କରିଥିବା ବେଳେ ମାଛ ଗୁଡ଼ିକର ସ୍ଥାନୀୟ ବଜାର ଏବଂ ଟିଟିଲାଗଡ଼ ବଜାରରେ ବେଶ ଚ଼ାହିଦା ରହିଥିବା ଜଣେଇଥିଲେ । ମାଛ ଗୁଡିକର ଆକାର ଦେଖି ମନ୍ତ୍ରୀ ବେଶ ପ୍ରଶଂସା କରିବା ସହ ମହିଳାମାନେ ଆଉ ବଡି, ପାମ୍ପଡ, ଆଚାରରେ ସୀମିତ ନ ରହି ଅନେକ ପ୍ରକାର ବ୍ୟବସାୟ କରିବାରେ ବେଶ ସଫଳତା ହାସଲ କରି ପାରୁଥିବାରୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କୁ ପ୍ରଶଂସା କରିଥିଲେ ।

# ରାମେଶ୍ୱରମ୍...(ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

। ତାର ଚାରିପଟରେ ପାହାଚ ରହିଛି ବିଭିନ୍ନ ଫୁଲର କୁଣ୍ଡ ସଜା ହୋଇଛି । ଖରାଦିନ ହୋଇଥିବାରୁ ପାଣି କମ୍ ଥିବାର ଜଣାଗଲା । ମଝିରେ ଦୀପଦଣ୍ଡୀ ରହିଛି ମନ୍ଦିରରେ ଚଉଦଟି ଗୋପୁରମ୍ ରହିଛି । ଆମେ ଗୋପୁରମ୍ ଦୁଇଟି ଦେଖିଲୁ । ସେଠାରେ ଗୋଟିଏ ରାତି ରହି ତା ପରଦିନ ସକାଳେ ବସରେ କନ୍ୟାକୁମାରୀ ଗଲୁ । କନ୍ୟାକୁମାରୀରେ ଗୋଟିଏ ହୋଟେଲରେ ଜିନିଷ ପତ୍ର ରଖି ନିଟସ୍ତ ହୋଟେଲରେ ଖାଇଦେଇ ବିଶ୍ରାମ ନେଲୁ, ଅପରାହ୍ନରେ ବିବେକାନନ୍ଦ ରକ୍ ଦେଖିବାକୁ ଗଲୁ । କନ୍ୟାକୁମାରୀ ଠାରେ ବଙ୍ଗୋପ ସାଗର, ଆରବ ସାଗର ଓ ଭାରତ ମହାସାଗର ସମସ୍ତେ ମିଶି ଏକାକାର ହୋଇଯାଇଛନ୍ତି । ଟିକେଟ କରି ଷ୍ଟିମର ପରି ବଡ଼ ଯନ୍ତ୍ର ଚାଳିତ ନୌକାରେ ଯାଇ ସାଗର ମଧ୍ୟରେ ଥିବା ବିବେକାନନ୍ଦ ରକ୍‌ରେ ପହଞ୍ଚିଲୁ । ଭାରି ଭୟ ଲାଗୁଥାଏ । ଏହା ଏକ ଟାପୁ ପରି ଦିଶୁଛି । ରକ୍‌ର ଚାରିପାଖରେ ବୁଲିଲୁ । ଚାରିଆଡେ ସାଗରର ଢେଉ, ତା ମଧ୍ୟରେ ବିବେକାନନ୍ଦ ଯେଉଁଠି ତପସ୍ୟା କରୁଥିଲେ ସେହି ହଲ୍‌ର କାନ୍ଥରେ ଓଁ କାର ଲିଖିତ ହୋଇଥିଲା । ଏହି ଓଁ ଉପରେ ଲୟରଖି ବିବେକାନନ୍ଦ ତପସ୍ୟା ଏକାଗ୍ରତାର ସହିତ କରୁଥିଲେ ଆମେ ମଧ୍ୟ ଓଁ କୁ ଚାହିଁ କିଛି ସମୟ ନୀରବରେ ବସି ରହିଲୁ । ବହୁତ ଶାନ୍ତି ଲାଗୁଥିଲା । ସେଠାରୁ ନୌକାରେ ଫେରିଆସି ତାଙ୍କ ଲାଇବ୍ରେରୀରେ କିଛି ସମୟ ପୁସ୍ତକ ଗୁଡିକ ବୁଲି ଦେଖିଥିଲୁ । ଲାଇବ୍ରେରୀ ବୁଲି ସାରିବା ପରେ କନ୍ୟାକୁମାରୀ ମନ୍ଦିର ଯାଇ ମାଁ ଙ୍କୁ ଦର୍ଶନ କରିବାକୁ ଗଲାବେଳେ ଦର୍ଶନ ସମ୍ଭବ ହେଲାନାହିଁ ଆଳତୀ ସମୟ । ତା ଭିତରେ ପ୍ରବେଶ କରି ହେଲାନାହିଁ । ବାହାରେ ସୂର୍ଯ୍ୟାସ୍ତର ସୁନ୍ଦର ଦୃଶ୍ୟ ଦେଖିଲୁ । ସୂର୍ଯ୍ୟ ଦେବତା ସମୁଦ୍ର ମଧ୍ୟରେ ପଶିଗଲା ପରି ଲାଗୁଥାଆନ୍ତି ।

ସେ ଦିନ ରାତିରେ ରହିଲୁ । ରାତିରୁ ଉଠି ନିତ୍ୟକର୍ମ ସାରି ମା' ଙ୍କୁ ଦର୍ଶନ କରିବା ପାଇଁ ମନ୍ଦିର ଯାଇ ଧାଡ଼ିରେ ରହିଲୁ । ପ୍ରବଳ ଭିଡ । ପୁରୁଷମାନେ କେବଳ ଧୋତି ପିନ୍ଧି ମନ୍ଦିରକୁ ଯାଆନ୍ତି । ତେଣୁ ଧୋତି ଭଡାରେ ଯୋଗାଡ କରାଗଲା ।

କନ୍ୟାକୁମାରୀଙ୍କ ବିଷୟରେ ଏକ ପୌରାଣିକ ଆଖ୍ୟାୟିକା ଅଛି । ଶିବ, କୁମାରୀଙ୍କୁ ବିବାହ କରିବାକୁ ବର ବେଶରେ ଆସୁଥିଲେ । ଦେବତାମାନେ କପଟ କରି କହିଲେ ଯେ ଶିବଙ୍କର, ପାର୍ବତୀ ଓ କାଳି ଦୁଇ ସ୍ତ୍ରୀ ଥାଇ ପୁଣି କୁମାରୀ ମାଁ ଙ୍କୁ କାହିଁକି ବିବାହ କରିବେ ? ଏହା ଫଳରେ ସୃଷ୍ଟିର ବହୁତ କ୍ଷତି ହେବ । ସଂସାର ଜଞ୍ଜାଳରେ ପ୍ରଭୁ ବାନ୍ଧି ହୋଇଯିବେ । ତେଣୁ ଶିବଙ୍କୁ ଶୁଚିନ୍ଦ୍ରମ୍ ନାମକ ସ୍ଥାନରେ ବରବେଶରେ ବସାଇ ବିଭିନ୍ନ ଗଳ୍ପରେ ଭୁଲାଇ ଲଗ୍ନ ଗଡ଼ିଯିବା ପାଇଁ ଦେବତାମାନେ ଚାହିଁଲେ । ଲଗ୍ନ ଆସିବା ପର୍ଯ୍ୟନ୍ତ ଶିବଙ୍କୁ ସେଠାରେ ଅପେକ୍ଷା କରିବାକୁ ପଡିଲା । ଦେବଗଣ ଏମିତି ମଜାଇ ରଖିଲେ ଯେ ଲଗ୍ନ ବେଳ ଗଡିଗଲା । ଭୋଳା ଶିବ ଗଳ୍ପରେ ମଜ୍ଜି ରହି ସମୟ ଜାଣି ପାରିଲେ ନାହିଁ , ତେଣୁ ଶିବ ଆଉ ବେଦୀକୁ ଯାଇ ପାରିଲେ ନାହିଁ କି ବିବାହ କରି ପାରିଲେ ନାହିଁ ।

ମା' କୁମାରୀ କନ୍ୟା ବେଶରେ ସୁସଜ୍ଜିତ ହୋଇ ଶିବଙ୍କୁ ଅପେକ୍ଷା କରି ଥାଆନ୍ତି । ଶିବ ପହଞ୍ଚ ନ ପାରିବାରୁ ଓ ଶୁଭବେଳା ଗଡିଯିବାରୁ ଆଉ ବିବାହ କାର୍ଯ୍ୟ ହୋଇ ପାରିଲା ନାହିଁ । ମାଆଙ୍କ ଚକ୍ଷୁରୁ ଲୋତକ ଧାର ଧାର ହୋଇ ବହିଗଲା ସେହି ଦିନଠାରୁ ରାତି ଚାରିଟାରେ ଆଖିରୁ ଲୁହ ଝରି ପଡେ ବୋଲି ପୂଜକ ମାନେ ସକଳ ବୃତ୍ତାନ୍ତ କହିଲେ । ସେମାନେ ଏହି ଅବସ୍ଥା ରାତ୍ରିର ଚତୁର୍ଥ ପ୍ରହର ଶେଷରେ ପ୍ରତି ରାତ୍ରିରେ ଦେଖନ୍ତି । କନ୍ୟା, କୁମାରୀ ହୋଇରହିଯିବାରୁ ତାଙ୍କୁ କନ୍ୟାକୁମାରୀ କୁହାଯାଏ ଓ ମନ୍ଦିରକୁ କନ୍ୟାକୁମାରୀ ମନ୍ଦିର କୁହାଯାଏ, ସ୍ଥାନଟି ର ନାମ ମଧ୍ୟ କନ୍ୟାକୁମାରୀ ।

ଶୁଚିନ୍ଦ୍ରମରେ ଶିବ ରହିଯିବାରୁ ସେହି ମନ୍ଦିର ନାମ ଶୁଚିନ୍ଦ୍ରମ୍ ଶିବ ମନ୍ଦିର ରୂପେ ପରିଚିତ । ଏସବୁ ଶୁଣିବା ପାରେ ମନ ବହୁତ ଦୁଃଖିତ ହେଲା । ସବୁ ଆଡକୁ ଥରେ ଆଖି ପକାଇ କିଛି ଶାମୁକା ଝାଳର କିଣିଲୁ ଓ କାଇଁଚର ଟେବୁଲ କ୍ଲଥ ମଧ୍ୟ ଆଣିଲୁ ।

କନ୍ୟାକୁମାରୀ ଦର୍ଶନ ପରେ ଆମେ ରାମେଶ୍ୱର ଅଭିମୁଖେ ବସ୍‌ରେ ଯାତ୍ରା କଲୁ । କନ୍ୟାକୁମାରୀ ଠାରେ ଭାରତର ଦକ୍ଷିଣ ସୀମା ଶେଷ ହୋଇଛି ତାପରେ ଭାରତ ମହାସାଗର ଓ କୁମାରିକା ଅନ୍ତରୀପ ।

କନ୍ୟାକୁମାରୀଠାରୁ ରାମେଶ୍ୱର ଅନେକ ଦୂର । ରାମେଶ୍ୱର ସ୍ଥାନଟି ସେତୁବନ୍ଧ ରାମେଶ୍ୱର ନାମରେ ପରିଚିତ, ବଦ୍ରିନାଥ, ଦ୍ୱାରକାନାଥ ଓ ଜଗନ୍ନାଥ – ଏହି ତିନୋଟି ବିଷ୍ଣୁ ପୂଜନ ଧାମ ମାତ୍ର ରାମନାଥ ବା ରାମେଶ୍ୱରରେ ଶିବଲିଙ୍ଗ ପୂଜା ପାଉଛନ୍ତି । ରାମେଶ୍ୱର ଏକ ଧାମ ଓ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରେ ସପ୍ତମ ସ୍ଥାନରେ ଅଛନ୍ତି । ତେଣୁ ଶିବ ଓ ବିଷ୍ଣୁ ଉଭୟ ପୂଜା ପାଉଛନ୍ତି । ରାମେଶ୍ୱରଙ୍କ ଦର୍ଶନରେ ବୈଷ୍ଣବ ଓ ଶୈବ ଉଭୟ ସମ୍ପ୍ରଦାୟ ଧର୍ମାବଲମ୍ବୀ ମାନେ ଦର୍ଶନ ଅଭିଳାଷରେ ଆସି ଥାଆନ୍ତି । ବିଷ୍ଣୁ ଅଳଙ୍କାର ପ୍ରିୟ, ମାତ୍ର ଶିବ ଜଳପ୍ରିୟ । ତାଙ୍କ ମସ୍ତକରେ ଗଙ୍ଗାରହି ଜଳଦାନ କରୁଛନ୍ତି । ଶ୍ରୀମନ ନାରାୟଣ ବଦ୍ରିନାଥରେ ତପ, ଜପ ଓ ସ୍ନାନ କରନ୍ତି, ଦ୍ୱାରକାରେ ବେଶ ହୁଅନ୍ତି ଓ ଜଗନ୍ନାଥ ଧାମରେ ଭୋଜନ କରନ୍ତି । ରାମେଶ୍ୱରରେ ଶୟନ କରନ୍ତି । ରାମେଶ୍ୱରମ୍ ସ୍ଥାନଟି କ୍ଷେତ୍ର କ୍ଷୁଦ୍ରଦ୍ୱୀପ ଚାରିପଟେ ସାଗର, ମହାସାଗର – ଭାରତ ମହାସାଗର ବଙ୍ଗୋପ ସାଗର, ଆରବ ସାଗର ଓ ମାନ୍ନାର ଉପସାଗର । ତା ମଝିରେ କ୍ଷୁଦ୍ର ସ୍ଥଳଭାଗଟି ରାମେଶ୍ୱରମ୍ ଦ୍ୱୀପ ।

ଆମେ କନ୍ୟାକୁମାରୀରୁ ଯାଇ ସେଠାରେ 'ମଣ୍ଡପମ୍' ନାମକ ସ୍ଥାନରେ ପହଞ୍ଚିଲୁ ମଣ୍ଡପମ୍‌ରୁ ପାମ୍ବନ ବ୍ରିଜ ଉପରେ ଟ୍ରେନରେ ଯିବାକୁ ହୁଏ । ରେଳ ରାସ୍ତାଟି ନାରୋ ଗଜ୍ । ସେ ବ୍ରିଜକୁ ଦେଖିଲେ ଭୟ ଲାଗେ । କାରଣ ତାର ତଳେ ସାଗର । ବ୍ରିଜଟି ପୁଣି ଝୁଲନ୍ତା ବ୍ରିଜ୍ ଦୁଇ ଭାଗ ହୋଇ ରହିଛି, ତା ମଧ୍ୟରେ ତଳେ ଜାହାଜ ମାନ ଚଳାଚଳ ହେବାବେଳେ ଦୁଇପଟ ଉପରକୁ ଉଠିଯାଏ । ଜାହାଜ ଯାଇ ସାରିବା ପରେ ଦୁଇଟି ଯାକ ଭାଗ ପୁଣି ମିଶିଯାଇ ଗୋଟିଏ ରେଳରାସ୍ତା ହୋଇଯାଏ । ସେହି ପାମ୍ବନ ବ୍ରିଜରେ ଟ୍ରେନରେ ବସି ଯାଉଥିବା ବେଳେ ସମୁଦ୍ର ମଧ୍ୟରେ ଛୋଟ ଛୋଟ ନୌକା ଦୂରରୁ ଦେଖାଯାଏ । ପଥର ଖଣ୍ଡ ମଧ୍ୟ ସମୁଦ୍ର ମଧ୍ୟରେ ପରିଷ୍କାର ଭାବେ ଦେଖାଯାଉଥାଏ । ତାହା ନିଶ୍ଚୟ ସେତୁ ପଥର । ପଥରରେ ଲେଖା ରାମଙ୍କ ନାମ ଖୋଜୁ ଖୋଜୁ ଟ୍ରେନ୍ ଗତି କରି ସାରିଲାଣି । ଏବେ ସଡକ ରାସ୍ତା ତିଆରି ହୋଇ ଗଲାଣି । ଆମେ ସକାଳେ ଆମ ଅଭିଳଷିତ ସ୍ଥାନରେ ପହଞ୍ଚ ଗଲୁ । ଟ୍ରେନରୁ ଓହ୍ଲାଇ ନିତ୍ୟକର୍ମ ସାରି ମନ୍ଦିର ଅଭିମୁଖେ ବାହାରିଲୁ । ରହିବା ସ୍ଥାନରେ ଜିନିଷ ପତ୍ର ରଖିଦେଲୁ ମନ ଉଚ୍ଛନ୍ନ ହେଉଥାଏ ପ୍ରଭୁଙ୍କ ଦର୍ଶନ କରିବାକୁ । ଆମେ ଚାଲି ଚାଲି ଯାଉଥାଉ ଦୂରରୁ ମନ୍ଦିର ଓ ତା'ର ସୁଉଚ୍ଚ ଗୋପୁରମ୍ ଦେଖା ଯାଉଥାଏ । ତାହା ଦାକ୍ଷିଣାତ୍ୟ ଶୈଳୀରେ ନିର୍ମିତ । ଉତ୍ତର ଭାରତର ମନ୍ଦିରମାନଙ୍କରେ ଗୋପୁରମ୍ ନଥାଏ । ଏହି ମନ୍ଦିରର ନାମକରଣରେ ପ୍ରଭୁ ଶ୍ରୀରାମଙ୍କର ଅବଦାନ ଅବର୍ଣ୍ଣନୀୟ । ମନ୍ଦିର ନିକଟରେ ପହଞ୍ଚ ମନ ତ୍ରେତା ଯୁଗକୁ ଚାଲିଗଲା । ଅଯୋଧ୍ୟା ଦୃଶ୍ୟ କଳ୍ପନା ନେତ୍ରରେ ନାଚିଗଲା ସେହି ପୁରୁଷୋତ୍ତମ ଶ୍ରୀରାମଙ୍କୁ ଧ୍ୟାନ କରି ଆରାଧନା କରିବାକୁ ମନ ଅସ୍ଥିର ହେଲା ।

"ଜୟ ରାମନାଥ ଜୀ କି ଜୟ" ଧ୍ୱନିରେ ସେହି ପୂଜା ସ୍ଥଳୀର ଗଗନ ପବନ ମୁଖରିତ ହୋଇଗଲା ।

"ରାମାୟ ରାମ ଭଦ୍ରାୟ ରାମଚନ୍ଦ୍ରାୟ ବେଧସେ
ରଘୁନାଥାୟ ନାଥାୟ ସୀତାୟାଃ ପତୟେଃ ନମଃ"

ମୁଁ ଭାବି ପାରୁନ ଥାଏ ସତରେ କ'ଣ ଏ ନିର୍ଜନ ସମୁଦ୍ର ବେଳାଭୂମି ନିକଟସ୍ଥ ଏ ରାମେଶ୍ୱର ମନ୍ଦିର ? ବିଶ୍ୱାସ କରି ହେଉ ନ ଥାଏ । ମନ୍ଦିର ନିକଟରେ ପହଞ୍ଚ ମନ ଯେତିକି ଆନନ୍ଦିତ ହେଉଥାଏ, ତାଠାରୁ ଅଧିକ ଦୁଃଖ ଲାଗୁଥାଏ । ଦଶରଥନନ୍ଦନ ରାମ ରାଜା ହେବା ପରିବର୍ତ୍ତେ ବନବାସୀ ହେବେ ଓ ପରିସ୍ଥିତିରେ ପଡି ସେତୁ ନିର୍ମାଣ ନିମନ୍ତେ ପ୍ରଭୁ ନିଜେ ଶିବ ଆରାଧନା କରିବେ ଏହା ତାଙ୍କର ମଧ୍ୟ ଭାଗ୍ୟର ବିଡମ୍ବନା । ଏହି ମନ୍ଦିର ନିର୍ମାଣ ଓ ଶିବ ପୂଜନର ଆଦି ଅର୍ଚ୍ଚକ ହେଉଛନ୍ତି ପ୍ରଭୁ ଶ୍ରୀରାମଚନ୍ଦ୍ର ସୃଷ୍ଟି ନିୟନ୍ତାଙ୍କୁ ବେଳେ ବେଳେ ଦୁଃଖ କଷ୍ଟ ଭୋଗ କରିବାକୁ ପଡେ । ପ୍ରଭୁ ଶ୍ରୀରାମ ଙ୍କର ଯୁବରାଜ ହେବା ଶୁଣି ଅଯୋଧ୍ୟା ନଗରବାସୀ ଉଲ୍ଲସିତ ହୋଇ ମଙ୍ଗଳ ବାଜଣା ଓ ଶୁଭ ସଂଗୀତର ଧ୍ୱନିରେ ନଗର ପ୍ରକମ୍ପିତ କରୁଥିଲେ । ନଗରବାସୀ ଅଭିଷେକ ଉତ୍ସବ ଦେଖିବାର ବ୍ୟଗ୍ରତାରେ ହଠାତ ଭଙ୍ଗା ପଡିଗଲା । ରାମ ବନବାସ ଯିବେ ଶୁଣି କୋଟି କୋଟି ପ୍ରଜାଙ୍କର ନୟନରେ ନୀର ଭରିଗଲା । ଏହି ଉଦ୍ଧୃତ ପଦଟି ବାସ୍ତବିକ ଦୁଃଖ ଦାୟକ ମଧୁ ସୂଦନ ରାଓଙ୍କ "ଶ୍ରୀରାମ ବନବାସ" କବିତାରେ ବର୍ଣ୍ଣିତ ।

"କେମନ୍ତେ ବର୍ଣ୍ଣିବି ଅଯୋଧ୍ୟା ଦଶା
ସହସା ବିଷାଦ-ଭାବ ବିବଶା
କୋଟି କୋଟି ନେତ୍ରୁ ବହଇ ନୀର
ହାହାକାରେ ପୂର୍ଣ୍ଣ କୋଟି ମନ୍ଦିର
ପ୍ରଭାମୟ ଏ ପ୍ରଭାତେ
ଅମା-ଅନ୍ଧକାରେ ଘୋଟିଲା ସେ ପୁରୀ
ଦାରୁଣ ଶୋକ ନିର୍ଘାତେ ।"

ରାମ, ଲକ୍ଷ୍ମଣ ସୀତା ବନବାସ ଗଲେ, ସମୟକ୍ରମେ ଦୁଃଖ ସମୟ ଆସି ଭାରାକ୍ରାନ୍ତ କଲା । ଲଙ୍କାର ରାଜା ରାବଣ ସୀତାଙ୍କୁ ବନରୁ ହରଣ କଲା । ରାମ ଲକ୍ଷ୍ମଣ, ସୀତାଙ୍କୁ ଖୋଜିବାକୁ ଏଣେ ତେଣେ ବୁଲିବା ସମୟରେ ସୁଗ୍ରୀବଙ୍କୁ ଭେଟି ତାଙ୍କ ସହ ବନ୍ଧୁତା ସ୍ଥାପନ କଲେ । ଶେଷରେ ହନୁମାନ ଦୂତ ହିସାବରେ ଯାଇ ଲଙ୍କାରେ ସୀତାଙ୍କୁ ଠାବ କଲା । ସୁଗ୍ରୀବ ଏକ ବିରାଟ ବାନର-ବାହିନୀ ସାହାଯ୍ୟରେ ରାବଣର ରାଜ୍ୟ ଲଙ୍କାକୁ ଆକ୍ରମଣ କରିବାକୁ ଯାଇ ଦକ୍ଷିଣ ସାଗର ତଟରେ ପହଞ୍ଚିଲେ, କିନ୍ତୁ ସାଗର ପାରି ହେବାର କୌଣସି ବାଟ ମିଳିଲା ନାହିଁ । ଲକ୍ଷ୍ମଣ ଏବଂ ସୁଗ୍ରୀବ ରାମଙ୍କୁ ଦୁଃଖରେ ମ୍ରିୟମାଣ ହେବାର ଦେଖି ଚିନ୍ତା କଲେ ଯେ ରାମ ତ ଶିବ ଭକ୍ତ, ତେଣୁ ଶିବଙ୍କୁ ଆରାଧନା କରିବା ତାଙ୍କ ପକ୍ଷେ ସମ୍ଭବ, ମାତ୍ର ରାବଣ ତ ଶିବ ପୂଜାରେ ତାଙ୍କୁ ସନ୍ତୁଷ୍ଟ କରି ସ୍ୱତନ୍ତ୍ର ବରପ୍ରାପ୍ତ ହୋଇଛନ୍ତି ।

ଠିକ୍ ଏହି ସମୟରେ ରାମ ତୃଷାରେ ଆତୁର ଥିଲେ ଓ ଜଳପାନ କରିବାକୁ ଯିବା ବେଳେ ଶିବଙ୍କୁ ପୂଜା କରିବାର ଚିନ୍ତା କଲେ । ସେ ସାଙ୍ଗେ ସାଙ୍ଗେ ପାର୍ଥିବ ଲିଙ୍ଗ ସ୍ଥାପନ କରି ଷୋଡ଼ଶ ଉପଚାର ବିଧିରେ ପୂଜା କଲେ । ଶିବଙ୍କୁ ଅତ୍ୟନ୍ତ ଭକ୍ତି ସହକାରେ ଉଚ୍ଚସ୍ୱରରେ 'ବମ୍ ବମ୍' ଶବ୍ଦ ଉଚ୍ଚାରଣ କରି ସନ୍ତୁଷ୍ଟ କଲେ । ଶିବ ସନ୍ତୁଷ୍ଟ ହୋଇ ଶ୍ରୀରାମଙ୍କ ସମ୍ମୁଖରେ ଆବିର୍ଭାବ ହେଲେ ଓ କହିଲେ ରାମ ! ଯାହା ବର ମାଗିବାର ଅଛି ମାଗିଲେ ତାହା ପ୍ରଦାନ କରିବି । ଶ୍ରୀରାମ ଅତ୍ୟନ୍ତ ଭକ୍ତି ସହକାରେ କହିଲେ ଯଦି ଶିବ ତାଙ୍କ ଉପରେ ସନ୍ତୁଷ୍ଟ ତେବେ ସେ ଏହି ସ୍ଥାନକୁ ପବିତ୍ର କରି ସମସ୍ତଙ୍କ ଦର୍ଶନ ଓ ମନସ୍କାମନା ପୂରଣ କରିବା ନିମନ୍ତେ ଏଠାରେ ଅବସ୍ଥାନ କରିବେ । ଶିବ ତଥାସ୍ତୁ କହି ସେଠାରେ ରହିଲେ ଓ ରାମେଶ୍ୱର ଶିବଲିଙ୍ଗ ରୂପେ ପ୍ରସିଦ୍ଧ ହେଲେ । ଶିବ ନିଜେ ଆବିର୍ଭାବ ହୋଇଥିବାରୁ ରାମେଶ୍ୱର ଜ୍ୟୋତିର୍ଲିଙ୍ଗ ରୂପେ ପ୍ରସିଦ୍ଧ ହୋଇଛନ୍ତି । ରାମ ଶଙ୍କରଙ୍କୁ ପ୍ରାର୍ଥନାକଲେ

"ସେହି ଶଙ୍କରଙ୍କୁ ମୁହିଁ କରୁଛି ବନ୍ଦନ
ମଙ୍ଗଳମୟ ଶ୍ରୀ ଶମ୍ଭୁ କରନ୍ତୁ କଲ୍ୟାଣ"

ଶ୍ରୀରାମଙ୍କର ସହ ବିଭୀଷଣ ଓ ସୁଗ୍ରୀବଙ୍କ ମିତ୍ରତା ହୋଇ ସାରିବା ପରେ ବିଭୀଷଣଙ୍କୁ ତାଙ୍କ ସମାଚାର ପଚାରିଛନ୍ତି ସେ ରାବଣର ପ୍ରତାପ କେତେ ତାହା ପ୍ରଭୁଙ୍କୁ ଜଣାଇଲେ । ଧର୍ମ କଥା କହି ଭାଇ ରାବଣଙ୍କୁ ବୁଝାଇ ବୁଝାଇ ଥକି ଗଲେ । ସବୁ ଚେଷ୍ଟା ବିଭୀଷଣଙ୍କର ବ୍ୟର୍ଥ ହେଲା ବରଂ ରାବଣ କ୍ରୋଧରେ ଗୋଇଠାମାରି ବିଭୀଷଣଙ୍କୁ ତଡ଼ି ଦେଲେ ତେଣୁ ସେ ଗୃହ, ପୁତ୍ର ଓ ପତ୍ନୀଙ୍କୁ ଛାଡ଼ି ଶ୍ରୀରାମଙ୍କ ଶରଣ ପଶିଲେ । ତାହା ଶୁଣି ଶ୍ରୀରାମ ତାଙ୍କୁ ପ୍ରବୋଧନା ଦେଲେ ରାବଣର କେତେ ସୈନ୍ୟ ଓ ବୀର ରାମ ଶୁଣି କଳନା କରି ନେଲେ । ବିଭୀଷଣ ପୁନଶ୍ଚ ରାମଙ୍କୁ ଜଣାଇଲେ ।

"ଲଙ୍କାର ପ୍ରଜାଏ ପାଉଥିଲେ ମହାସୁଖ
ସୀତାଙ୍କୁ ଆଣିବା ଦିନୁ ଦୁଷ୍ଟ ଦଶମୁଖ
ଶିରୀଛାଡି ଗଲାପରି ହୋଇ ସେହି ଦେଶ
ବିଷର୍ଣ୍ଣ ଭାବକୁ ଭଜିଅଛି ରଘୁଇଶ"

ସେହି ଦିନୁ ରାବଣର କାନ୍ଧରୁ ରାଜଲକ୍ଷ୍ମୀ ଚାଲିଗଲେ । ରାବଣର ଭଣ୍ଡାରରେ ଯେତେ ଧନ ତାହା ଯକ୍ଷରାଜାଙ୍କ ନଗରରେ ନଥିବ । ଇନ୍ଦ୍ର ପ୍ରତିଦିନ ଫୁଲ ଗୁନ୍ଥନ୍ତି, ସୂର୍ଯ୍ୟ ଦୁଆରୀ କାର୍ଯ୍ୟ କରନ୍ତି, ବରୁଣ ପାଣି ଆଣି ଯୋଗାଇ ଥାଆନ୍ତି, ଅନଳ ରନ୍ଧନ କାର୍ଯ୍ୟ କରନ୍ତି ଚନ୍ଦ୍ର ପାର୍ଶ୍ୱରେ ଛତ୍ର ଧରିଥାନ୍ତି, ପବନ ବ୍ୟଜନ ଚାଳନା କରନ୍ତି, ବସୁମତୀ ଘର ଝାଡନ୍ତି, ବେଦପତି ଶିକ୍ଷକ କାର୍ଯ୍ୟ କରନ୍ତି, ନାରଦ ବୀଣା ବାଦନ କରି ବେଦ ପାଠ କରନ୍ତି, ଯମ ଘୋଡାର ଖାଦ୍ୟ ପାଇଁ ଘାସ କାଟି ଦିଅନ୍ତି, ଶନି ତାର ଲୁଗା କାଚନ୍ତି । ଶଙ୍କର ନାନାବିଧ ଜ୍ଞାନ ପ୍ରଦାନ କରନ୍ତି, ଚାରିମେଘ ତାର ଡଗର, ଅପସରା ଚାମର ଚାଳନା ଓ ପାନ ଭାଙ୍ଗି ଯୋଗାଇ ଥାଆନ୍ତି । ବିଭୀଷଣଠାରୁ ଶ୍ରୀରାମ ରାବଣର ସକଳ ବୃତ୍ତାନ୍ତ ଶୁଣିଲେ ଓ ବିଭୀଷଣଙ୍କୁ କହିଲେ ।

"ଶୁଣି ଏମନ୍ତ ବଚନ ରଘୁକୁଳପତି
ବୋଇଲେ ହେ ବିଭୀଷଣ ସାଧୁ ତୁମ୍ଭ ମତି
କହିଗଲ ଯାହା ଯାହା ଅଟେ ସବୁ ସତ୍ୟ
ଏ ଘେନି ଆଜହୁଁ ମୋର ହେଲ ପ୍ରିୟ ପାତ୍ର
ତିନି ଲୋକେ ବଳିୟାର ହେଲେ ହେଁ ରାବଣ
ଘେନିବ ତାହାର ଜୀବ ନିଶ୍ଚେ ମୋର ବାଣ
ପରାଣ ବିକଳେ ପଳାଇଲେ ଯହିଁ ତହିଁ ବ୍ରହ୍ମା
ଶିବ ଆଦି ରଖି ନ ପାରିବେ କେହି"

ତାପରେ ଶ୍ରୀରାମ ବିଭୀଷଣଙ୍କୁ ଲଙ୍କାର ରାଜା ଘୋଷଣା କଲେ ଓ ଅଭିଷେକ କଲେ ।

ଏହା ବିଭୀଷଣଙ୍କୁ କହିଲେ ଘୋର ଜଳଧି କିପରି ପାରିହେବା ? ସମୁଦ୍ରର ରୂପ ଦେଖିଲେ ତ ଭୟ ଲାଗୁଛି । ପର୍ବତ ପରି ତା'ର ତରଙ୍ଗ ଉଠୁଛି । ସୁଗ୍ରୀବ ଏହା ଶୁଣିବା ପରେ ପ୍ରଭୁଙ୍କ ନିକଟରେ ହାତ ଯୋଡି କହିଲେ ।

"ଜଳ ଅଧିଶ୍ୱର ଅଟେ ବରୁଣ ଦେବତା
ତାହାକୁ ମନରେ ପ୍ରଭୁ କର ଏବେ ଚିନ୍ତା
ତାଙ୍କ ପ୍ରସାଦରେ ଜଳ ହୋଇବ ନିଉନ
ଲଙ୍ଘନ କରିବେ ସୁଖେ ଋକ୍ଷ କପି ସୈନ୍ୟ
ପ୍ରାର୍ଥନା ଘେନିଣ ଯେବେ ନ ଦେବେରେ ପଥ
ତେବେ ତାଙ୍କ ପ୍ରତି ଦଣ୍ଡ ବିହିବେ ଯଥାର୍ଥ"

ପ୍ରଭୁ ଶ୍ରୀରାମଙ୍କୁ ସମୁଦ୍ର ପାର ହେବାର ଉପାୟ ଯେ କେବଳ ସୁଗ୍ରୀବ ଓ ବିଭୀଷଣ ଦେଲେ ତା ନୁହେଁ, ତାଙ୍କ ସହିତ କପି ଓ ଭାଲୁ ଇତ୍ୟାଦି ମଧ୍ୟ ନିଜ ଶକ୍ତି ଅନୁସାରେ ଉପାୟ ବତାଇଲେ । କିଏ କହିଲା ଆକାଶରେ ଉଡି ଉଡି ଯିବା କିଏ କହିଲା ସବୁପିଇ ଦେଇ ପାଣି ଶୁଖାଇଦେବା, କିଏ କହିଲା ମାଟି ପଥରରେ ପୋତି ଦେବା ଓ ଆଉ କିଏ କହିଲା ପାଣି ବୋହି ଦେଇ ଶୁଖାଇଦେବା ପରେ ବୁଜୁଳା ବୁଜୁଳା ନାନାବିଧ ରତ୍ନ ବୋହିନେବା । ଏହା ଶୁଣି ରଘୁବୀର ହସୁଥାଆନ୍ତି – ତପରେ ବିଭୀଷଣଙ୍କୁ "କ'ଣ କରାଯିବ" ବୋଲି ପଚାରିଲେ । ସେ କହିଲେ ଆପଣ ଜଳ ଦେବତା ବରୁଣଙ୍କୁ ପ୍ରାର୍ଥନା କରନ୍ତୁ ସେ ବାଟ ଦେଖାଇବେ"।

"ଆପଣ ତାହାଙ୍କୁ ଯେବେ କରିବେ ପ୍ରାର୍ଥନା
ଦେଖାଇବେ ବାଟ ସେହି ଆହେ ମହାମନା"

ସେ ସ୍ୱର୍ଗର ରାଜାଙ୍କ ଉଦାହରଣ ଦେଲେ । ସଗର ବଂଶ ଯୋଗୁଁ ସାଗରର ସୃଷ୍ଟି ବୋଲି କହିଲେ । ଏଥିରେ ରାଜି ହୋଇ ଶ୍ରୀରାମ ତଳେ ଧନୁଶର ରଖି ପୂର୍ବ ମୁଖରେ କୁଶ ହସ୍ତରେ ବସିଲେ ଓ ବରୁଣ ଦେବଙ୍କୁ ଧ୍ୟାନ କଲେ । ରଘୁବୀର ତିନି ଦିନ ଉପବାସ ଓ ଉଜାଗର ରହି ସମୁଦ୍ରକୁ ସ୍ତୁତି କଲେ, ତଥାପି ସାଗର ଦର୍ଶନ ଦେଲେ ନାହିଁ । ଶ୍ରୀରାମ କ୍ରୋଧିତ ହୋଇ କହିଲେ –

"ବେଗେ ମୋର ପାଶେ ଆଣି ଦିଅ ଧନୁଶର
ମୋର ବୀର ପଣ ଆଜି ଦେଖୁ ଏ ସାଗର"

ସବୁ ଧ୍ୱଂସ ହେଉ, ଏହା କହି କୋଦଣ୍ଡରେ ଗୁଣ ବସାଇଲେ । ତୂଣୀରରୁ ବାଛି ବାଛି ଦିବ୍ୟଶର କାଢ଼ିଲେ । ଶଙ୍ଖାସୁର ବେଦ ଲୁଚାଇ ଥିଲାବେଳେ ଏହି ସାଗର ତାକୁ ଆଶ୍ରୟ ଦେଇଥିଲା । ଏହାର ଦୁଷ୍ଟ ପଣ ଜାଣି ଅଗସ୍ତି ମୁନି ଏକ ଚଳୁରେ ସବୁ ଶୋଷି ସାଗର ଶୁଖାଇ ଦେଇଥିଲେ । ସେହି ପରି କ୍ଷଣମାତ୍ରକେ ଏ ଅପାର ଜଳକୁ ପ୍ରଭୁ ଶୁଖାଇ ଦେଲେ କପି ସେନାବଳ ପାଦରେ ଚାଲି ଚାଲି ପାର ହୋଇଯିବେ । ରାମଙ୍କ କୋପରେ ଦେବଗଣ ତ୍ରସ୍ତ ହେଲେ ଓ ସାଗରର ଜଳ ଯୋଜନ ପର୍ଯ୍ୟନ୍ତ ବଢ଼ିଲା ।

ଏହା ଦେଖି ସାଗର ଭୟ ପାଇଲେ ଓ ରାମ କୋଦଣ୍ଡ ଧନୁରେ ଯେଉଁ ଦିବ୍ୟଶରର ଗୁଣ ଚଡାଇବାକୁ ବାହାରିଲେ, ସେତେବେଳେ ସାଗର ସୁବର୍ଣ୍ଣ ପାତ୍ରରେ ପଞ୍ଚରତ୍ନ ପୂର୍ଣ୍ଣ କରି ଦୁଇହସ୍ତରେ ଧରି ଆସି ଉପସ୍ଥିତ ହେଲେ । ସାଗର କହିଲେ, ଏଥିରେ କେତେ ଜଳ ଅଛି କିଏ କହିବ ? ମୁହୂର୍ତ୍ତକ ମଧ୍ୟରେ ଏ ପୃଥିବୀ ବୁଡାଇଦେବ । ତେଣୁ ସାଗର ପ୍ରଭୁ ଶ୍ରୀରାମଙ୍କୁ କହିଲେ–

"ପଥର ପର୍ବତ ଆଣି କରି ମଧ୍ୟେ ସେତୁ,
ସୈନ୍ୟ ସଙ୍ଗେ ହୁଅ ପାର ଆହେ ବୀର କେତୁ ।
ବୋଇଲେ ଶ୍ରୀରାମ ତହୁଁ ଶୁଣ ହେ ସାଗର
ଅମୋଘ ଅଟଇ ଏହୁ ବ୍ରହ୍ମ ଅସ୍ତ୍ର ମୋର ।"

ଏହା କେବେ ବ୍ୟର୍ଥ ହେବ ନାହିଁ ।

ଉତ୍ତର ଦିଗରେ ଦ୍ରୁମ କୁଲ୍ୟା ନାମକ ସ୍ଥାନରେ କ୍ରୁର ଦସ୍ୟୁଗଣ ବାସ କରୁଛନ୍ତି । ବ୍ରହ୍ମ ଶରରେ ସେମାନଙ୍କୁ ବିନାଶ କରିବାକୁ କହିଲେ । ଆହୁରି ଜଣାଇଲେ ଯେ ରାମଙ୍କ ସୈନ୍ୟ ବଳର ସେନାପତି ନଳବୀର ଅଛନ୍ତି ସେ ବିଶ୍ୱକର୍ମାଙ୍କ ପୁତ୍ର, ପିତାଙ୍କ ଠାରୁ ସେ ବରପ୍ରାପ୍ତ ହୋଇଛି । "ପିତାଙ୍କ ପ୍ରସାଦରୁ ବର ଲଭିଅଛି ସେହି, ଭାସିବ ପଥର ଗିରି ଦେବେ ଯଦି ଛୁଇଁ" ନଳ ତାଙ୍କ ପିତା ବିଶ୍ୱକର୍ମାଙ୍କ ଠାରୁ ନାନା ବିଧ ବିଦ୍ୟାଶିକ୍ଷା କରିଛନ୍ତି, ସେ ସେତୁ ବନ୍ଧ ବିଦ୍ୟା ମଧ୍ୟ ଶିଖିଛନ୍ତି । ଏହା କହି ଦେଇ ସିନ୍ଧୁ ଅନ୍ତର୍ଦ୍ଧାନ ହୋଇଗଲେ । ଏହା ଶୁଣି ସାରିଲା ପରେ ନଳ ସିନ୍ଧୁଙ୍କ ଉକ୍ତି ସତ୍ୟ ଅଟେ ବୋଲି ଶ୍ରୀରାମଙ୍କ ନିକଟରେ ପ୍ରକାଶ କଲେ । ପ୍ରକୃତରେ ସେ ବିଶ୍ୱକର୍ମାଙ୍କ ପୁତ୍ର ଏ କଥା ସେ ରାମଙ୍କ ନିକଟରେ ସ୍ୱୀକାର କଲେ । ଏହା ବ୍ୟତୀତ ସେତୁବନ୍ଧ ବାନ୍ଧିବାର ବିଧାନ ସେ ଶିଖିଛନ୍ତି । ସିନ୍ଧୁ ଏ କଥା ପ୍ରକାଶ କରିବା ପରେ ତାଙ୍କ ମନେ ପଡିଗଲା ସେ ଆପଣା ବଡିମା ଦର୍ଶାଇବାକୁ ଚାହାଁନ୍ତି ନାହିଁ, ନଳ ତେଣୁ ଚୁପ ହୋଇ ରହିଥିଲେ । (ରାମାୟଣ ଲଙ୍କାକାଣ୍ଡ)

ଜାମ୍ବବାନ ନଳ ଓ ନୀଳଙ୍କୁ ସେତୁବନ୍ଧ ବାନ୍ଧିବାକୁ ନିର୍ଦ୍ଦେଶ ଦେଲେ । ସେତୁ ବାନ୍ଧିଲା ବେଳେ ପ୍ରଭୁ ଶ୍ରୀରାମଙ୍କ ପ୍ରତାପ ଧ୍ୟାନରେ ରଖି କାର୍ଯ୍ୟକଲେ ଶରୀର କଷ୍ଟ ହେବ ନାହିଁ । କପି ସେନାଙ୍କୁ ମଧ୍ୟ ମିନତି କରି କହିଲେ ଖୁସି ମନରେ ଶ୍ରୀରାମଙ୍କୁ ହୃଦୟରେ ରଖି କପି ଓ ଭାଲୁ ଏକାଗ୍ର ଚିତ୍ତରେ କାର୍ଯ୍ୟରେ ମଜ୍ଜିଯାଅ । ସୁନ୍ଦର ଭାବରେ ସେତୁ ନିର୍ମାଣ ହେଉଥିବାର ଦେଖି କରୁଣାନିଧି ଶ୍ରୀରାମ ହର୍ଷୋତ୍ଫୁଲ୍ଲ ହେଲେ । ଏହି ସ୍ଥାନର ମହିମା ଅପାର ଓ ସ୍ଥାନଟି ମଧ୍ୟ ଅତ୍ୟନ୍ତ ସୁନ୍ଦର ବୋଲି କହିଲେ ।

"ଏହି ସ୍ଥାନରେ କରିବା ଶମ୍ଭୁଙ୍କୁ ସ୍ଥାପନା
ଏହା ମୋର ହୃଦୟର ପରମ କଳ୍ପନା"
(ରାମ ଚରିତ ମାନସ)


ସମୁଦ୍ର ସେତୁ ତିଆରି ପାଇଁ ଯେଉଁ ବୃକ୍ଷ, ପାହାଡ, ପର୍ବତ କପିବଳ ଉପାଡି ଆଣନ୍ତି ତାକୁ ନଳ ନିଜ ହାତରେ ଛୁଇଁ ସାଗର କୂଳରେ ପକାନ୍ତି । ନଳ ତାହା ବାମ ହସ୍ତରେ ଛୁଇଁ ଥିବାରୁ ହନୁମାନ କ୍ରୋଧିତ ହେଲେ । ନଳ ତାଙ୍କୁ ଅସମ୍ମାନ କରୁଛି ବୋଲି ଭାବି ଗର୍ବ ଭାଙ୍ଗିବାକୁ ପ୍ରତିଜ୍ଞାବଦ୍ଧ ହେଲେ । ହନୁମାନ ତାଙ୍କ ବିଶ୍ୱରୂପ ବଳରେ ଗୋଟିଏ ଗୋଟିଏ ପର୍ବତ ଗୋଟିଏ ଗୋଟିଏ ରୋମରେ ବାନ୍ଧି ମହାରୋଷରେ ଆକାଶରେ ଉଡି ବୋହି ଆଣୁଥିଲେ । ଏହା ଦେଖି ରଘୁପତି ଆଶ୍ଚର୍ଯ୍ୟ ହୋଇଗଲେ ପ୍ରଭୁ ମିତ୍ର ସୁଗ୍ରୀବଙ୍କୁ ହନୁମାନଙ୍କ କଥା ପଚାରିଲେ । ସୁଗ୍ରୀବ କହିଲେ ସେ କ୍ରୋଧରେ ବିଶ୍ୱରୂପ ଧରିଅଛି, ଅସଂଖ୍ୟ ପର୍ବତ ଆଣୁଛି ଶ୍ରୀରାମ ହନୁଙ୍କୁ କୋପର କାରଣ ପଚାରିଲେ । ହନୁ ଉତ୍ତର ଦେଲେ ଯେ ସେ ନିଜେ ଆଣୁଥିବା ପର୍ବତ ମାନ ବାମ ହସ୍ତରେ ଛୁଇଁ ନଳ ସମୁଦ୍ରରେ ପକାଇବାର ଦେଖି ମାରୁତି କୋପ କଲେ । ଆଜି ନଳର ଗର୍ବ ଭାଙ୍ଗି ତାକୁ ଏହି ବନ୍ଧରେ ବଳି ପକାଇବେ ବୋଲି ଜଣାଇଲେ । ନଳ ଡରିଯାଇ କହିଲେ "ହନୁମାନ ତ ମୋର ମାମୁଁ କାରଣ ସେ ତାଙ୍କ ଭଉଣୀ ଇନ୍ଦୁମତୀର ପୁତ୍ର"। ହନୁମାନ ଶାନ୍ତ ହେଲେ ଓ ଦକ୍ଷିଣ ହସ୍ତେ ସବୁ ପର୍ବତ ଛୁଇଁବାକୁ ନଳକୁ କହିଲେ । ଶ୍ରୀରାମ କହିଲେ ।

"ବାନରଙ୍କୁ ତହୁଁ ଆଜ୍ଞା ଦେଲେ ସୀତାପତି
ବାଲି ଆଣି ବନ୍ଧ ପରେ ପକାଅ ଝଟତି"

ଏହି କାଳେ କାହୁଁ ଆସି ଗୁଣ୍ଡୁଚି ମୂଷାଏ
ଶ୍ରୀରାମଙ୍କ ଠାରେ ଭକ୍ତି କରି ଅତିଶୟେ
ବାଲି ବୋହି ଆଣିବାକୁ ନ ଥିଲା ତା ବଳ
ଏଣୁ ସେ ବିଚାରି ମନେ ଗୋଟିଏ କୌଶଳ

(ସପ୍ତମ ପୃଷ୍ଠା ଦେଖନ୍ତୁ)

# ମହାଭାରତରେ ସୂର୍ଯ୍ୟପୁତ୍ର କର୍ଣ୍ଣ ଭାବେ ଅଭିନୟ କରିବେ ସାହିଦ କପୁର



ମୁମ୍ବାଇ : ବଲିଉଡ ଜଗତର ଲୋକକପ୍ରିୟ ଅଭିନେତା ସାହିଦ କପୁର ମହାଭାରତର କର୍ଣ୍ଣ ଭାବେ ଅଭିନୟ କରିବେ ବୋଲି ଜଣା ପଡୁଛି ।

ରଙ୍ଗଦେ ବସନ୍ତୀ ନିର୍ଦ୍ଦେଶକ ରାକେଶ ଓମପ୍ରକାଶ ମେହରାଙ୍କ ମହାଭାରତର ଭୂମିକା ସୂର୍ଯ୍ୟପତ୍ର କର୍ଣ୍ଣ ଉପରେ ଗୋଟିଏ ଫିଲ୍ମ ନିର୍ମାଣ କରିବାକୁ ଚାହୁଁଥିବା ବେଳେ ଏବେ ଏହି ଖାସ୍ ପ୍ରୋଜେକ୍ଟ ପାଇଁ ସେ ସାହିଦ କପୁରଙ୍କୁ ତାଙ୍କ ଫିଲ୍ମରେ କର୍ଣ୍ଣ ଭୂମିକାରେ ଅଭିନୟ କରିବା ପାଇଁ ଚାହୁଁଛନ୍ତି । ଏକ ନ୍ୟୁଜ ପୋର୍ଟାଲ ଅନୁଯାୟୀ, ଏହା ରାକେଶ ଓମପ୍ରକାଶ ମେହରାଙ୍କ ଏକ ଡ୍ରିମ୍ ପ୍ରୋଜେକ୍ଟ ବୋଲି କୁହାଯାଉଛି । ତେବେ ନିର୍ଦ୍ଦେଶକଙ୍କୁ ନିଜର ମେଗା ବଜେଟ ଫିଲ୍ମ ପାଇଁ ନିର୍ମାତା ମଧ ମିଳିଯାଇଛି । ଶାହିଦ ମଧ ଏହି ରୋଲ ପାଇଁ ରାଜି ଅଛନ୍ତି । ବର୍ଷ ଶେଷ ସୁଦ୍ଧା ଏହି ଫିଲ୍ମର ସୁଟିଂ ଆରମ୍ଭ ହୋଇଯିବ ।

# ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ପଦ୍ମପୁର, (ନିପ୍ର) : ଓଡ଼ିଶା ସରକାରଙ୍କ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ସହାୟତାରେ ଓ ଶିଳ୍ପ ନିର୍ଦ୍ଦେଶାଳୟ ଓଡ଼ିଆ ଭୁବନେଶ୍ୱରଙ୍କ ଜରିଆରେ ଏବଂ ସମ୍ବଲପୁରୀ ବସ୍ତ୍ରାଳୟଙ୍କ ତତ୍ୱାବଧାନରେ ପଦମପୁର ବ୍ଲକର ଘନାମାଲ ଓ ଖଇରପାଲି ଗ୍ରାମରେ ସୁତା ରଙ୍ଗେଇ ତାଲିମ ଶିବିରକୁ ବରଗଡ ଏଡ଼ିଟି ତଥା ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଦାଶଙ୍କ କରକମଳରେ ଉଦଘାଟିତ ହୋଇଯାଇଛି । ଶ୍ରୀ ଦାଶ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଓ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ତଥା ଫିତା କାଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମୁଖ୍ୟ ଅତିଥି ସମ୍ବଲପୁରୀ ବସ୍ତ୍ରାଳୟ ସମ୍ପାଦକ ସାନ୍ତନୁ କୁମାର ମେହେର, ମୁଖ୍ୟ ବକ୍ତା ଡବ୍ଲ୍ୟୁ ସମ୍ପୂର୍ଣ୍ଣାନନ୍ଦ ପଧାନ, ସମ୍ମାନିତ ଅତିଥି ଉନ୍ନୟନ ଅଧିକାରୀ ଦୀନବନ୍ଧୁ ନାଏକ ଓ ପ୍ରଶିକ୍ଷକ ସୁଦର୍ଶନ ଯାଦବ ଯୋଗ ଦେଇଥିଲେ । ସଭାକୁ ପରିଚାଳନା କରିଥିଲେ ଖଇରପାଲି ବ୍ରାଂଚ ମେନେଜର ଜଗଦୀଶ ଲୁହା । କାର୍ଯ୍ୟକ୍ରମ ଦୁଇଟିରେ କୋଡିଏ ଜଣ ଲେଖାଏଁ ବୁଣାକାରଙ୍କୁ ଦୁଇ ମାସ ତାଲିମ ପ୍ରଦାନ ପରେ ମାନପତ୍ର ସହ ରଙ୍ଗେଇ ସରଞ୍ଜାମ ଦିଆଯିବ । ସଭାଶେଷରେ ବୁଣାକାର ସନ୍ତୋଷ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ବସ୍ତ୍ରାଳୟ କର୍ମଚାରୀ ଯୁବରାଜ ମେହେର ସହଯୋଗିତା କରିଥିଲେ । କିଛି ବୁଣାକାରଙ୍କୁ ତନ୍ତ ଓ ତନ୍ତ ସରଞ୍ଜାମ ପ୍ରଦାନ କରାଯାଇଛି ।

# ଏଭଳି ବ୍ୟାପକ ସ୍ତରରେ ଟୀକାକରଣ ଅଭିଯାନ ମାନବ ଇତିହାସରେ ଅଭୂତପୂର୍ବ : ପ୍ରଧାନମନ୍ତ୍ରୀ



**- ନିରାପତ୍ତା ଓ ପ୍ରଭାବ ବିଷୟରେ ବୈଜ୍ଞାନିକ ଓ ବିଶେଷଜ୍ଞମାନେ ସମ୍ପୂର୍ଣ୍ଣ ଭାବେ ସନ୍ତୁଷ୍ଟ ହେବା ପରେ ମେଡ ଇନ ଇଣ୍ଡିଆ ଟୀକାଗୁଡ଼ିକୁ ଜରୁରିକାଳୀନ ବ୍ୟବହାର ନିମନ୍ତେ ଅନୁମତି ମିଳିଛି : ପ୍ରଧାନମନ୍ତ୍ରୀ**

**- ସମଗ୍ରବିଶ୍ୱର ୬୦ପ୍ରତିଶତ ଶିଶୁ ମେଡ-ଇନ-ଇଣ୍ଡିଆ ଜୀବନରକ୍ଷାକାରୀ ଟୀକା ଗ୍ରହଣ କରିଥାନ୍ତି : ପ୍ରଧାନମନ୍ତ୍ରୀ**

ନୂଆଦିଲ୍ଲୀ, (ପିଆଇବି) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ଜରିଆରେ ସର୍ବଭାରତୀୟ ସ୍ତରରେ କୋଭିଡ-୧୯ ଟୀକାକରଣ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଦେଶର କୋଣ ଅନୁକୋଣରେ ପହଂଚିବାକୁ ଥିବା ଏହା ହେଉଛି ବିଶ୍ୱର ସର୍ବବୃହତ ଟୀକାକରଣ କାର୍ଯ୍ୟକ୍ରମ ।

ପ୍ରଧାନମନ୍ତ୍ରୀ ଏହି ଟୀକାକରଣ ଅଭିଯାନର ବ୍ୟାପକତା ସମ୍ପର୍କରେ ଉଦାହରଣ ଦେଇ କହିଥିଲେ ଯେ, କେବଳ ପ୍ରଥମ ରାଉଣ୍ଡରେ ତିନି କୋଟି ଲୋକଙ୍କୁ ଟୀକା ଦିଆଯିବାର ଅର୍ଥ, ବିଶ୍ୱର ଅତିକମରେ ୧୦୦ଟି ଦେଶର ଜନସଂଖ୍ୟା ସହ ସମାନ ଲୋକଙ୍କର ଟୀକାକରଣ କରାଯିବା । ସେ କହିଥିଲେ ଯେ ଏହାକୁ ଦ୍ୱିତୀୟ ରାଉଣ୍ଡରେ ୩୦ କୋଟି ଲୋକଙ୍କ ପର୍ଯ୍ୟନ୍ତ ନିଆଯିବାର ଆବଶ୍ୟକତା ରହିଛି । ଏହି ପର୍ଯ୍ୟାୟରେ ବୟସ୍କ ଓ ପୂର୍ବରୁ କୌଣସି ଗମ୍ଭୀର ରୋଗରେ ଆକ୍ରାନ୍ତ ଥିବା ଲୋକଙ୍କୁ ଟୀକା ଦିଆଯିବ । ସେ କହିଥିଲେ ଯେ କେବଳ ତିନୋଟି ରାଷ୍ଟ୍ର- ଭାରତ, ଆମେରିକା ଓ ଚୀନରେ ୩୦ କୋଟିରୁ ଅଧିକ ଜନସଂଖ୍ୟା ଅଛନ୍ତି । ଏପରି ବ୍ୟାପକ ସ୍ତରର ଟୀକାକରଣ ଅଭିଯାନ ମାନବ ଜାତିର ଇତିହାସରେ କେବେ ବି ଦେଖିବାକୁ ମିଳିନାହିଁ ଏବଂ ଏହା ଭାରତର ସାମର୍ଥ୍ୟକୁ ଦର୍ଶାଇଥାଏ ବୋଲି ଶ୍ରୀ ମୋଦୀ କହିଥିଲେ ।

ମେଡ-ଇନ-ଇଣ୍ଡିଆ (ଭାରତରେ ପ୍ରସ୍ତୁତ) ଟୀକା ସମ୍ପର୍କରେ ହେଉଥିବା ଗୁଜବ ଓ ଅପପ୍ରଚାରକୁ ବିଶ୍ୱାସ ନକରିବା ଲାଗି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ନିବେଦନ କରିଥିଲେ । ସେ କହିଥିଲେ ଯେ ଟୀକାର ନିରାପତ୍ତା ଏବଂ ପ୍ରଭାବ ସମ୍ପର୍କରେ ବୈଜ୍ଞାନିକ ଓ ବିଶେଷଜ୍ଞମାନେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହେବା ପରେ ଯାଇ ଏହି ଟୀକାଗୁଡିକୁ କେବଳ ଜରୁରିକାଳୀନ ବ୍ୟବହାର ପାଇଁ ମଞ୍ଜୁରି ମିଳିଛି ।

ଟୀକା ପ୍ରସ୍ତୁତ କରିଥିବା ଭାରତୀୟ ବୈଜ୍ଞାନିକ, ସ୍ୱାସ୍ଥ୍ୟ ବ୍ୟବସ୍ଥା, ଭାରତୀୟ ପ୍ରକ୍ରିୟା ଏବଂ ସଂସ୍ଥାଗତ ବ୍ୟବସ୍ଥା ସାରା ବିଶ୍ୱରେ ଯଥେଷ୍ଟ ବିଶ୍ୱସନୀୟତା ହାସଲ କରିଛି । ନିରନ୍ତରର ଭାବେ ଉନ୍ନତ ପରିଣାମ ମାଧ୍ୟମରେ ଏହି ବିଶ୍ୱାସ ଅର୍ଜନ କରାଯାଇଛି ।ପ୍ରଧାନମନ୍ତ୍ରୀ ଆଲୋକପାତ କରି କହିଥିଲେ ଯେ ବିଶ୍ୱର ୬୦ ପ୍ରତିଶତ ଶିଶୁ ମେଡ-ଇନ-ଇଣ୍ଡିଆ ଜୀବନ ରକ୍ଷାକାରୀ ଟୀକା ଗ୍ରହଣ କରିଥାନ୍ତି ଏବଂ ଏହି ଟୀକାଗୁଡିକୁ ଭାରତୀୟ ବୈଜ୍ଞାନିକମାନଙ୍କ ଦ୍ୱାରା କଠୋର ପରୀକ୍ଷଣ ବ୍ୟବସ୍ଥା ମାଧ୍ୟମରେ ଅନୁମୋଦନ କରାଯାଇଥାଏ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ମେଡ ଇନ ଇଣ୍ଡିଆ କରୋନା ଟୀକା ଆସିବା ଫଳରେ ଭାରତୀୟ ଟୀକା ବିଶେଷଜ୍ଞତା ଏବଂ ଭାରତୀୟ ଟୀକା ବୈଜ୍ଞାନିକମାନଙ୍କ ପ୍ରତି ବିଶ୍ୱସନୀୟତା ଆହୁରି ସୁଦୃ ? ହେବ । ଭାରତୀୟ ଟୀକା କେବଳ ଶସ୍ତା ନୁହେଁ ବରଂ ଏଗୁଡ଼ିକୁ ପରିଚାଳନା କରିବା ମଧ ଅତି ସହଜ । ପ୍ରଧାନମନ୍ତ୍ରୀ କହିଥିଲେ ଯେ କେତେକ ବିଦେଶୀ ଟୀକାର ଗୋଟିଏ ଡୋଜ ୫ହଜାର ଟଙ୍କାରୁ ଅଧିକ ଏବଂ ସେଗୁଡ଼ିକୁ ବିଯୁକ୍ତ ୭୦ ଡିଗ୍ରୀ ତାପମାତ୍ରାରେ ରଖିବାକୁ ହୋଇଥାଏ । ଅନ୍ୟପକ୍ଷରେ ଭାରତୀୟ ଟୀକାଗୁଡିକୁ ଏପରି ପ୍ରଯୁକ୍ତି ଉପରେ ଆଧାରିତ ଯାହା ଉପରେ ଭାରତରେ ଦୀର୍ଘ ବର୍ଷ ଧରି ଗବେଷଣା ଓ ପରୀକ୍ଷଣ କରାଯାଇଥାଏ । ସଂରକ୍ଷଣ ଠାରୁ ପରିବହନ ପର୍ଯ୍ୟନ୍ତ ଏହି ଟୀକାଗୁଡ଼ିକ ଭାରତର ପରିବେଶ ପାଇଁ ସର୍ବୋତ୍ତମ ଏବଂ ଏହା ଆମକୁ ଆମର କରୋନା ବିରୋଧୀ ଲଢେଇରେ ନିର୍ଣ୍ଣାୟକ ବିଜୟ ଦେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।


ଶ୍ରୀ ମୋଦୀ ଭାରତର କରୋନା ବିରୋଧୀ ଲଢ଼େଇକୁ ଆତ୍ମବିଶ୍ୱାସପୂର୍ଣ୍ଣ ଏବଂ ଆତ୍ମନିର୍ଭରଶୀଳ ବୋଲି ଅଭିହିତ କରିଥିଲେ । ପ୍ରତ୍ୟେକ ଭାରତୀୟଙ୍କର ଆତ୍ମବିଶ୍ୱାସ କେବେ ବି ଦୁର୍ବଳ ନହେବାର ଦୃଢ଼ସଂକଳ୍ପ ବିଷୟରେ ସେ ଉଲ୍ଲେଖ କରିଥିଲେ । ଦେଶରେ ଗୋଟିଏ କରୋନା ନମୁନା ପରୀକ୍ଷାଗାର ଠାରୁ ଆରମ୍ଭ କରି ୨୩୦୦ଟି ପରୀକ୍ଷାଗାର ପର୍ଯ୍ୟନ୍ତ ଏକ ନେଟୱର୍କ ବିକଶିତ କରିବା; ମାସ୍କ, ପିପିଇ କିଟ ଓ ଭେଂଟିଲେଟର ପ୍ରସ୍ତୁତିରେ ଆତ୍ମନିର୍ଭରଶୀଳ ହେବା ଠାରୁ ଆରମ୍ଭ କରି ବିଦେଶକୁ ରପ୍ତାନି କରିବାର କ୍ଷମତା ହାସଲ କରିବା ପର୍ଯ୍ୟନ୍ତ ଯାତ୍ରା ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ।

ଟୀକାକରଣ ଅଭିଯାନ ସମୟରେ ଅନୁରୂପ ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରଶୀଳତାର ପ୍ରଦର୍ଶନ କରିବା ଲାଗି ସେ ଦେଶବାସୀଙ୍କୁ ନିବେଦନ କରିଥିଲେ ।

# ବହୁ ଚର୍ଚ୍ଚିତ ପରୀ ହତ୍ୟାକାଣ୍ଡ ତଦନ୍ତ ମାମଲାରେ ହାଇକୋର୍ଟ ପକ୍ଷରୁ ପୁଣି ଦିଆଗଲା ସମ୍ପୂର୍ଣ ତଥ୍ୟ : ହାଇକୋର୍ଟ ମନିଟରିଂ ତଦନ୍ତ ପାଇଁ ରାଜ୍ୟ ସରକାରଙ୍କ ଅନୁରୋଧକୁ ଅଗ୍ରାହ୍ୟ କରାଯାଇଥିଲା

ବଲାଙ୍ଗିର, (ନିପ୍ର) : ରାଜ୍ୟର ବହୁ ଚର୍ଚ୍ଚିତ ପରୀ ହତ୍ୟାକାଣ୍ଡ ଘଟଣାର ସମ୍ପୂର୍ଣ ତଥ୍ୟ ପୁଣି ଥରେ ମାନ୍ୟବର ହାଇକୋର୍ଟଙ୍କ ଜନ ସୂଚନା ଅଧିକାରୀ ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡାଙ୍କୁ ପ୍ରଦାନ କରିଛନ୍ତି । ହାଇକୋର୍ଟର ଜନ ସୂଚନା ଅଧିକାରୀ ତଥା ଅତିରିକ୍ତ ଡେପୁଟି ରେଜିଷ୍ଟ୍ରାର ବି.ଦାଶ ଚିଠି ନଂ. ଆରଟିଅଇ-୧୩/ ୨୦୨୦/୬୯୬- ତା୧୬/୦୧/୨୦୨୧ ଯୋଗେ ସୂଚନା କର୍ମୀ ଶ୍ରୀ ପଣ୍ଡାଙ୍କୁ ଆଉ ଏକ ସୂଚନା ପୂର୍ବ ସୂଚନା ରେଫରେନ୍ସରେ ପ୍ରଦାନ କରି ଜଣାଇଛନ୍ତି ଯେ, ଜଣେ କାର୍ଯ୍ୟରତ ମାନ୍ୟବର ବିଚାରପତିଙ୍କ ମନିଟରିଂରେ ଏସଆଇଟି ତଦନ୍ତ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିବେଦନକୁ ମାନ୍ୟବର କୋର୍ଟ ଗତ ୧ ଡିସେମ୍ବର ୨୦୨୦ ଦିନ ଅଗ୍ରାହ୍ୟ କରି ରାଜ୍ୟ ସରକାରଙ୍କୁ ଜଣାଇ ଦେଇଥିବା ସୂଚନା ପ୍ରଦାନ କରାଯାଇଛି । ମାନ୍ୟବର କୋର୍ଟ ରାଜ୍ୟ ସରକାରଙ୍କ ନିବେଦନକୁ ଅଗ୍ରାହ୍ୟ କରିବା ଘଟଣାକୁ ଦୀର୍ଘ ଦେଢ ମାସ ବିତି ଯାଇଥିଲେ ମଧ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସ୍ପର୍ଶକାତର ତଥ୍ୟକୁ ସାର୍ବଜନୀନ କରାଯାଇ ନାହିଁ ।

ଆଜି ଏହି ତଥ୍ୟ ସୂଚନା ଅଧିକାର ଆଇନ ବଳରେ ସାମ୍ନାକୁ ଅସିବା ପରେ ନୂଆ ତଥ୍ୟ ଜଣାପଡିଛି ଏବଂ ହାଇକୋର୍ଟ ମନିଟରିଂ ଏସଆଇଟିକୁ ନେଇ ରହିଥିବା ରାଜ୍ୟବ୍ୟାପୀ ଦ୍ୱନ୍ଦର ଅବସାନ ଘଟିବା ସଙ୍ଗେ ସଙ୍ଗେ ବର୍ତ୍ତମାନ ତଦନ୍ତରତ ଏସଅଇଟି କୋର୍ଟ ମନିଟର୍ଡ ନୁହେଁ ବୋଲି ସ୍ପଷ୍ଟ ହୋଇଥିବା ଜଣାପଡିଛି ବୋଲି ସୂଚନା କର୍ମୀ ଶ୍ରୀ ପଣ୍ଡା ଜଣାଇଛନ୍ତି । ରାଜ୍ୟ ସରକାରଙ୍କ ନିବେଦନ



ମାନ୍ୟବର କୋର୍ଟଙ୍କ ଦ୍ୱାରା ଅଗ୍ରାହ୍ୟ ହେଲା ପରେ ରାଜ୍ୟ ସରକାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ସୁପାରିଶ କରିପାରିଥାନ୍ତେ, କିନ୍ତୁ ଏହା କରାଯାଇ ନାହିଁ ବୋଲି ପଣ୍ଡା ଅଭିଯୋଗ କରିଛନ୍ତି ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଗତ ୬/୧/୨୧ ଦିନ ହାଇକୋର୍ଟ ଜନ ସୂଚନା ଅଧିକାରୀ ପଣ୍ଡାଙ୍କୁ ଦେଇଥିବା ତଥ୍ୟରୁ ଜଣାପଡିଥିଲା ଯେ, ହାଇକୋର୍ଟ ମନିଟରିଂ ତଦନ୍ତ ପାଇଁ ରାଜ୍ୟ ସରକାର ପ୍ରଦାନ କରିଥିବା ଅନୁରୋଧ ପତ୍ର ମାନ୍ୟବର ହାଇକୋର୍ଟ ପାଇ ନଥିବା ଉଲ୍ଲେଖ ଥିଲା । କିନ୍ତୁ ସରକାରଙ୍କ ଏ ସମ୍ପର୍କରେ ସରକାରଙ୍କ ନିବେଦନକୁ ମାନ୍ୟବର କୋର୍ଟ ଅଗ୍ରାହ୍ୟ କରି ସରକାରଙ୍କୁ ଜଣାଇ ଦେଇଥିବା କଥା ନୂତନ ତଥ୍ୟରୁ ଜଣାପଡିଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

# ରାମେଶ୍ୱରମ୍..... (ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ସମୁଦ୍ର ଜଳରେ ବୁଡି ବାଲି ପରେ ଗଡି
ସେତୁ ବନ୍ଧ ପରେ ଯାଇ ଦେଉଥାଏ ଝାଡି
(ରାମାୟଣ ଲଙ୍କାକାଣ୍ଡ)

ଏହା ଦେଖି ରାମଙ୍କ ଚକ୍ଷୁରୁ ହର୍ଷୋଲ୍ଲାସରେ ଲୋତକ ବହିଗଲା । ତାକୁ ଅତି ଯତ୍ନରେ କୋଳରେ ଧରି ଧନ୍ୟ ଧନ୍ୟ କହିଲେ । "ତୋପରି ପର ଉପକାରୀ ତିନି ପୁର ଖୋଜିଲେ ମଧ ମିଳିବେ ନାହିଁ । ଧନ୍ୟ ତୋ ପିତାମାତା"। ଏହା କହି ତାର ପିଠିକୁ ସ୍ନେହେ ଆଉଁସି ଦେବାରୁ ପାଞ୍ଚ ଗୋଟି ଦିବ୍ୟ ରେଖା ସେହି ଦିନୁ ହେଲା । ସେ ରାମ ରାମ କହି ବନକୁ ଚାଲିଗଲା ।

ସେତୁ ବନ୍ଧ ଶେଷ ହେଲା । ଶ୍ରୀରାମ ପରମ ସନ୍ତୋଷ ଲାଭ କରି ସୁଗ୍ରୀବଙ୍କୁ ତାଙ୍କ ନିକଟକୁ ଡକାଇଲେ । ଅପ୍ରତିଷ୍ଠ ବନ୍ଧରେ ଯିବା ଅନୁଚିତ, ତେଣୁ ବନ୍ଧର ପ୍ରତିଷ୍ଠା ପାଇଁ ଆୟୋଜନ କରିବାକୁ କହିଲେ । ଏହା କହି ଆପଣା ହସ୍ତରେ ଏକ ଶିବଲିଙ୍ଗ ଯତ୍ନରେ ନିର୍ମାଣ କଲେ । ସେଠାରେ ଶିବଲିଙ୍ଗ ନିର୍ମାଣ ପରେ ବାନର ମାନଙ୍କୁ ପ୍ରସ୍ତର ସବୁ ଆଣିବାକୁ ନିର୍ଦ୍ଦେଶ ଦେଲେ । ବାନରମାନେ ତତ୍‌କ୍ଷଣାତ୍ ପଥର ଆଣି ପକାଇଲେ । ହନୁମାନ ସେ ସବୁ ସମାନ କରିଦେଲେ ଓ ବିଶ୍ୱକର୍ମାଙ୍କ ପୁତ୍ର ନଳ ହସ୍ତରେ ଅର୍ପଣ କଲେ ।

"ବିଶ୍ୱକର୍ମାଙ୍କ ନନ୍ଦନ ନଳ ମହାବୀର
ଯତନେ ନିର୍ମାଣ କଲେ ସୁରମ୍ୟ ମନ୍ଦିର
ସୁରମ୍ୟ ମନ୍ଦିର ଶୋଭା ଦେଖିଣ ସକଳ
ଅପୂର୍ବ ଆନନ୍ଦେ କଲେ ହର୍ଷ କୋଳାହଳ"

ଶିବଲିଙ୍ଗ ଓ ମନ୍ଦିର ନିର୍ମାଣ ସରିଲା । ମୂର୍ତ୍ତି, ମନ୍ଦିର ଓ ସେତୁବନ୍ଧର ପ୍ରତିଷ୍ଠା ପାଇଁ ପୁରୋହିତ କିଏ ହେବେ ଜଣେ ଉତ୍ତମ ବ୍ରାହ୍ମଣ କେଉଁଠୁ ଆସିବେ ତାହା ଆଲୋଚନା କରାଗଲା । ଏହା ଶୁଣି ସୁଗ୍ରୀବ କହିଲେ ଏହାର ପ୍ରତିଷ୍ଠା ପାଇଁ ମର୍ତ୍ତ୍ୟମଣ୍ଡଳରେ କେହି ବ୍ରାହ୍ମଣ ନାହାନ୍ତି । କେବଳ ପିତାମହ ବ୍ରହ୍ମା ଯୋଗ୍ୟ ପୁରୋଧା । ବ୍ରହ୍ମା ସେତୁ ମନ୍ଦିର ପ୍ରତିଷ୍ଠା କଲେ ମହାମଙ୍ଗଳ ହୁଅନ୍ତା ରାମ ଶୁଣିଲେ ଓ କହିଲେ ବ୍ରହ୍ମା ଦେବତା, ରାମ ତ ମାନବ ସେ କାହିଁକି ତାଙ୍କ କଥାରେ ଆସିବେ ? ବିଭୀଷଣ ଶ୍ରୀରାମଙ୍କୁ କହିଲେ ପ୍ରଭୁ ଦେବର୍ଷି ନାରଦଙ୍କୁ ସ୍ମରଣ କରନ୍ତୁ । ସେ ଆସିଲେ ତାଙ୍କ ଠାରୁ ଉପଯୁକ୍ତ ମନ୍ତ୍ରଣା ମିଳିବ । ପ୍ରଭୂ ଆସନରେ ବସି ଧ୍ୟାନରେ ଦେବର୍ଷିଙ୍କୁ ଚିନ୍ତା କଲେ । ନାରଦ ବୀଣା ବଜାଇ ରାମ ରାମ ଘୋଷି ଶ୍ରୀରାମଙ୍କ ସମ୍ମୁଖରେ ବିଜେ ହେଲେ । ଶ୍ରୀରାମ ଗଦ୍ ଗଦ୍ ହୋଇ ପ୍ରଣିପାତ କଲେ । ନାରଦଙ୍କୁ ଶ୍ରୀରାମ କାହିଁକି ସ୍ମରଣ କଲେ ପଚାରିଲେ । ସକଳ ବୃତ୍ତାନ୍ତ ରାମଙ୍କଠାରୁ ଶୁଣିଲେ ଓ କହିଲେ – ବ୍ରହ୍ମା ଏ କାର୍ଯ୍ୟ କରିପାରିବେ, ମାତ୍ର ବ୍ରହ୍ମାଙ୍କ ସମାନ ଆଉ ଜଣେ ପ୍ରବୀଣ ବ୍ରାହ୍ମଣ ଅଛନ୍ତି । ତାଙ୍କ ଗର୍ଭରେ ଚତୁର୍ବେଦ ପୂର୍ଣ୍ଣ ହୋଇଛି । କିନ୍ତୁ ସେ ଏବେ ଆପଣଙ୍କ ଶତ୍ରୁ । ସେ ହେଉଛନ୍ତି ବିଶ୍ରବା ନନ୍ଦନ ରାବଣ । ରାମ କହିଲେ, ଯାହାଙ୍କ ବଧ ପାଇଁ ଏତେ ପରିଶ୍ରମ, ଆପଣ ତାଙ୍କ ନାମ କହୁଛନ୍ତି । ସେ ମଦମାଂସ ଭକ୍ଷଣ କରେ ପର ସ୍ତ୍ରୀ ହରଣ କରି ଦେବ ବ୍ରାହ୍ମଣଙ୍କୁ ପୀଡାଦିଏ । ସେ ବ୍ରାହ୍ମଣ ବୋଲି ବିଶ୍ୱାସ କ'ଣ ?

ନାରଦ କହିଲେ, ପ୍ରଭୂ! ମୋ ବାଣୀ ଶୁଣନ୍ତୁ ସେ ମହାଜ୍ଞାନୀ ଆପଣ ସ୍ୱୟଂ ବୈକୁଣ୍ଠ ବିହାରୀ । ସେ ଆପଣଙ୍କ ଦ୍ୱାରପାଳ । ରାକ୍ଷସୀ ଗର୍ଭରୁ ସିନା ଜନ୍ମ, ମାତ୍ର ନାନା ଶାସ୍ତ୍ର– ଯଥା ଯୁଦ୍ଧଶାସ୍ତ୍ର, ନୀତିଶାସ୍ତ୍ର, ରାଜତନ୍ତ୍ର, ବେଦଶାସ୍ତ୍ର, ନ୍ୟାୟଶାସ୍ତ୍ର ମହାଜ୍ଞାନୀ ଦଶାନନ ଏ ସମସ୍ତ ବିଦ୍ୟା ଆୟତ୍ତ କରିଅଛି । ସେ ମହାଜ୍ଞାନୀ ବିଶ୍ରବା କୁମର, ସେ ବ୍ରହ୍ମାଙ୍କ ତୃତୀୟ ପୁରୁଷ ଓ ଶାସ୍ତ୍ରଜ୍ଞ ପ୍ରବର । ଆପଣ କାର୍ଯ୍ୟ ପାଇଁ ନିମନ୍ତ୍ରଣ କଲେ ସେ ନିଶ୍ଚୟ ଆସିବେ ହେ ରଘୁସାଇଁ , ସେ ମହାଜ୍ଞାନବନ୍ତ ହୋଇଥିବାରୁ ତାର ମୁକ୍ତି ପାଇଁ ସୀତା ହରଣ କରିଛି । ତା'ର ଲୋଭ ଓ ମାୟା ନାହିଁ । ସେ ସୀତାଙ୍କୁ ପାପ ନୟନରେ ଦେଖିନାହିଁ । କେବଳ ମୁକ୍ତି ଲାଗି ବ୍ୟାକୁଳିତ । ମୋର କଥା ମାନି ପ୍ରଭୁ ନିମନ୍ତ୍ରଣ ଚିଟାଉ ଲେଖି ପଠାନ୍ତୁ । ସମସ୍ତେ ଏ ପ୍ରସ୍ତାବରେ ରାଜି ହେଲେ ନାହିଁ । ହନୁମାନ କହିଲେ ସେ ନିଜେ ସ୍ୱର୍ଗଯାଇ ବ୍ରହ୍ମାଙ୍କୁ ନେଇ ଆସିବେ । ନାରଦଙ୍କ କଥା ଶୁଣନ୍ତୁ ନାହିଁ । ସେ କଳିହା ନାରଦ ରାମ ନିଜେ ଏ ମଙ୍ଗଳ କାର୍ଯ୍ୟ କରନ୍ତୁ ବୋଲି ବିଭୀଷଣ ମତ ଦେଲେ ।

ଜାମ୍ବବାନ ତ୍ରିକାଳଦର୍ଶୀ । ସେ ଚୁପ ହୋଇ ବସିଥିଲେ । ରାମ ତାଙ୍କୁ ଚୁପ୍ ହୋଇ ବସିଥିବାର କାରଣ ପଚାରିଲେ । ନାରଦ ଯାହା କହିଲେ ତାହା ସତ୍ୟ ନା ମିଥ୍ୟା ? ଜାମ୍ବବନ କହିଲେ ଯେ ନାରଦଙ୍କ କଥା ସତ୍ୟ । ଆପଣ କାଳବିଳମ୍ବ ନ କରି ପ୍ରଭୁ ଚିଟାଉ ପଠାନ୍ତୁ । ସେ ଯଥା ସମୟରେ ଆସି ପହଞ୍ଚିବେ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ବିଭୀଷଣ କିନ୍ତୁ ନୀରବ । ଦେବର୍ଷି ନାରଦଙ୍କ ପରାମର୍ଶ କ୍ରମେ ପ୍ରଭୂ ରଘୁପତି ରାବଣଙ୍କୁ ପୁରୋଧା ରୂପେ ବରଣ କରିବାକୁ ପ୍ରଥମେ ଇଷ୍ଟ ସ୍ମରଣ ଓଁକାର ଲେଖିଲେ ଓ ତାଳପତ୍ର ଲେଖନୀ ଧରି ମର୍ଯ୍ୟାଦା ପୁରୁଷୋତ୍ତମ ମର୍ଯ୍ୟାଦା ସୂଚକ ପଦରେ ଲେଖନୀ ଚାଳନ କଲେ ।

"ଲେଖିଲେ ହେ ପୂଜ୍ୟପାଦ ପୁରୋଧା
ଆପଣ
ଘେନିବେ ମୋ ପ୍ରଣାମ ଜଣାଏ ଶ୍ରୀପୟର
ଦାସ ପ୍ରତି ଦୟା ବହି ଆହେ ବ୍ରହ୍ମବର
ମୋ ବିନତି ଘେନାକର ହୋଇ କୃପାପର"

"ପିତୃ ସତ୍ୟ ପାଳି ବନକୁ ପତ୍ନୀ ସୀତା, ଭାଇ ଲକ୍ଷ୍ମଣ ବନକୁ ଆସିଲୁ । ଲଙ୍କାପତି ରାବଣ ମୋ ପତ୍ନୀଙ୍କୁ ବନରୁ ଚୋରାଇ ନେଇ ଲଙ୍କାପୁରେ ରଖିଅଛି । ଆହେ ପୂଜ୍ୟଗୁରୁ ! ସୀତାଙ୍କୁ ଉଦ୍ଧାର ପାଇଁ କପିକୁଳ ଧରି ସମୁଦ୍ର ପାରି ହେବାକୁ ସେତୁବନ୍ଧ କର୍ମ ବାନରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହୋଇଛି ।"

"ମନ୍ଦିର ଏକ ନିର୍ମାଣି ଶିବଲିଙ୍ଗ ତହିଁ
ସ୍ଥାପନ କରିଛି ସେତୁବନ୍ଧ ସ୍ଥାନେ ମୁହିଁ
ସେତୁ ବନ୍ଧର ପ୍ରତିଷ୍ଠା ଶୁଭକର୍ମ ମାନ
ସମ୍ପାଦ କରିବାକୁ ସମର୍ଥ ଆପଣ"

ମହର୍ଷି ନାରଦ କହିଛନ୍ତି, "ଏ କାର୍ଯ୍ୟ ପାଇଁ କେବଳ ଆପଣ ହିଁ ଯୋଗ୍ୟ । ବ୍ରହ୍ମାଙ୍କ ସମାନ ସୁଯୋଗ୍ୟ ବ୍ରାହ୍ମଣ ମର୍ତ୍ତ୍ୟରେ ଆପଣଙ୍କ ବ୍ୟତୀତ ଆଉ କେହି ନାହାନ୍ତି ତେଣୁ ପୁରୋହିତ ରୂପେ ଆପଣଙ୍କୁ ବରଣ କରୁଛି । ମୋତେ ଯଜମାନ ରୂପେ ଘେନା କରନ୍ତୁ ।"

"ସେତୁବନ୍ଧ ପ୍ରତିଷ୍ଠାର କାର୍ଯ୍ୟ ସମାପନ
କରିଣ ପ୍ରତିଷ୍ଠା କର୍ମ ଶିବଲିଙ୍ଗ ଜାଣ
କଲ୍ୟାଣ କରି ମୋ ପ୍ରତି ସଦୟ ହୁଅନ୍ତୁ
ମୋର ମନସ୍କାମନା ସଫଳ କରନ୍ତୁ"

ମୁଁ ଶତ୍ରୁ ହସ୍ତରୁ ମୋର ପ୍ରାଣପ୍ରିୟା ଜାନକୀଙ୍କୁ ଉଦ୍ଧାର କରିବି । ହେ ପୁରୋଧାବର ! ଆପଣଙ୍କ ଶ୍ରୀପୟରେ ଏହି ବିନତି କରୁଛି ଯଜ୍ଞ କର୍ମ ପାଇଁ ଯାହା ଯାହା ଦ୍ରବ୍ୟମାନ ଅବଶ୍ୟକ ତାର ଏକ ତାଲିକା ଦୂତ ହସ୍ତରେ ପ୍ରେରଣ କରିବେ । ପ୍ରଣିପାତ ଜଣାଇ ଚିଟାଉ ମୁଦ କରି ବୀରଶ୍ରେଷ୍ଠ ଅଙ୍ଗଦ ହସ୍ତରେ ପ୍ରେରଣ କଲେ । ବାଳିସୁତ ଅଙ୍ଗଦଙ୍କୁ ଶ୍ରୀରାମ ରାବଣଙ୍କ ସ୍ୱହସ୍ତରେ ଅର୍ପଣ କରିବାକୁ ନିର୍ଦ୍ଦେଶ ଦେଲେ । ଅଙ୍ଗଦ ଶ୍ରୀରାମ, ସୁଗ୍ରୀବ ଓ ବିଭୀଷଣଙ୍କ ପଦ୍ମପାଦ ତଳେ ପ୍ରଣତି ଜଣାଇ, ବିଭୀଷଣଙ୍କଠାରୁ ଲଙ୍କାରେ ପହଞ୍ଚି ଲଙ୍କାପତିଙ୍କ ଦର୍ଶନର ସମସ୍ତ ପଥ ଜାଣିଲେ । ସେଠାରେ ଦ୍ୱନ୍ଦ କରିବା ଉଚିତ ନୁହେଁ ଏହି ଉପଦେଶ ଗ୍ରହଣ କଲେ ।

ଏକ ଲମ୍ଫରେ ସମୁଦ୍ର ପାର ହୋଇ ବିଭୀଷଣଙ୍କ ନିର୍ଦ୍ଦେଶ କ୍ରମେ ସିଧା ସଳଖ ରାଜସଭା ମଧ୍ୟରେ ପ୍ରବେଶ କଲେ ଓ ସମସ୍ତ ପରିଚୟ ଜଣାଇଲେ । ଅଙ୍ଗଦ ସିଧାସଳଖ ସଭା ମଧ୍ୟରେ ପ୍ରବେଶ କରିବାରୁ କ୍ରୋଧାନ୍ୱିତ ହୋଇ ପ୍ରଶ୍ନ ପଚାରି ପରିଚୟ ଓ ଉଦ୍ଦେଶ୍ୟ ଜାଣିଲେ ବ ତା' ପରେ ଅଙ୍ଗଦ ପତ୍ର ବାହାର କରି ରାବଣ ହସ୍ତରେ ସମର୍ପଣ କଲେ । ପତ୍ର ପଢି ଲଙ୍କାପତି ପ୍ରଫୁଲ୍ଲିତ ଚିତ୍ତରେ ପରମ ପୁରୁଷ ଶ୍ରୀରାମ ପୁରୋଧା ପଣରେ ବରଣ କରିଛନ୍ତି ଏହାଠାରୁ ବଡ ସୌଭାଗ୍ୟ କିଛି ନାହିଁ କହି ଚିଟାଉର ଅସ୍ତିସୂଚକ ଉତ୍ତର ଲେଖିଲେ ଓ ପ୍ରଥମେ ପତ୍ରରେ ଆଶୀର୍ବାଚନରେ ଶିଷ୍ୟ ସମ୍ବୋଧନ କଲେ । ଦ୍ରବ୍ୟ ତାଲିକା ମଧ ଦେଲେ ଓ ଶୀଘ୍ର ଯାଇ ଯଥା ସମୟରେ ଉପସ୍ଥିତ ହେବାର ସମ୍ବାଦ ଅଙ୍ଗଦଙ୍କୁ ଜଣାଇଲେ । ରଘୁନାଥ ଉତ୍ତର ପାଇ ଆନନ୍ଦିତ ହେଲେ ଓ ସମସ୍ତ ଦ୍ରବ୍ୟ ସଂଗ୍ରହ ପାଇଁ ନିର୍ଦ୍ଦେଶ ଦେଲେ ।

ସମସ୍ତ ଦ୍ରବ୍ୟ ସଂଗ୍ରହ ପରେ ମଧ ଯଜମାନଙ୍କ ପତ୍ନୀ ସୀତା ନ ରହିଲେ ଯଜ୍ଞ କାର୍ଯ୍ୟ ନିଷ୍ଫଳ ହେବ । ତେଣୁ ସୁନା ସୀତା ଗଢାଇଲେ । ଏଥର ପୁରୋଧା ଲଙ୍କପତିଙ୍କୁ ଅପେକ୍ଷା କଲେ । ଏହି ସମୟରେ ଶୂନ୍ୟରେ ଏକ ରଥ ଦେଖିଲେ । ସେ ସ୍ଥାନ ପାଉ ନଥିବାରୁ ବିମାନ ଘୁରି ବୁଲୁଛି । ସାଙ୍ଗେ ସାଙ୍ଗେ ସୈନ୍ୟମାନଙ୍କୁ ଅନ୍ୟତ୍ର ଅପସାରିତ କରାଗଲା । ରାବଣ ରଥରୁ ଓହ୍ଲାଇବା ମାତ୍ରେ ଶ୍ରୀରାମଚନ୍ଦ୍ର ପ୍ରଣାମ କଲେ । ସମସ୍ତ ବୀର ପ୍ରଣାମ କରି ସମ୍ମାନ ଜଣାଇଲେ । ପ୍ରଭୁ ଶ୍ରୀରାମ ତାଙ୍କ ମନସ୍କାମ ପୂର୍ଣ୍ଣ ହେବାର ଆଶୀର୍ବାଦ ଭିକ୍ଷା କଲେ । ରାବଣ ସ୍ୱର୍ଣ୍ଣମୂର୍ତ୍ତି ଦେଖି ପତ୍ନୀ ଜୀବିତ ଥାଇ କେବେ ଯଜ୍ଞକାର୍ଯ୍ୟ, ସ୍ୱର୍ଣ୍ଣମୂର୍ତ୍ତି ବସାରେ ହୋଇ ପାରିବ ନାହିଁ ବୋଲି ମତ ଦେଲେ ଲଙ୍କପତି । କହିଲେ – ହେ ମୋର ଯଜମାନ, ରଥରେ ତୁମ ପତ୍ନୀ ଅଛନ୍ତି । ତାଙ୍କୁ ନେଇ ଆସ ଯଜମାନର ହିତ ବାଞ୍ଛା ପୁରୋହିତର କାର୍ଯ୍ୟ । ପୁରୋହିତଙ୍କ ଆଦେଶରେ ମର୍ଯ୍ୟାଦା ପୁରୁଷ ରଥ ଉପରୁ ଜାନକୀଙ୍କୁ ପାର୍ଶ୍ୱକୁ ଆଣିଲେ । ରାମଚନ୍ଦ୍ରଙ୍କ ନିର୍ଦ୍ଦେଶରେ ସୀତାଦେବୀ ଦଶାନନଙ୍କ ପଦ ତଳେ ସଭକ୍ତି ପ୍ରଣାମ କଲେ । ଲଙ୍କପତି ପୁରୋଧା ରୂପେ ସୀତାଙ୍କୁ ମାତଃ ସମ୍ବୋଧନ କରି ମନୋରଥ ପୂର୍ଣ୍ଣ ହେଉ ଓ ପତିପୁତ୍ର ସହ ରାଜସୁଖ ଭୋଗ କର । ଯୁଗେ ଯୁଗେ ତୁମ ଯଶ ରହିଥିବ ବୋଲି ଆଶୀର୍ବାଦ କଲେ ।

ରାବଣ ବ୍ରାହ୍ମଣ ବେଶରେ ଦ୍ୱିତୀୟ ବ୍ରହ୍ମାସଦୃଶ ତେଜିୟାନ ଦିଶି ବେଦମନ୍ତ୍ର ଉଚ୍ଚାରଣ କଲେ । ଯଜ୍ଞସ୍ଥଳୀ ପ୍ରକମ୍ପିତ ହେଉଥିଲା ସେ ଯଜ୍ଞ ଦର୍ଶନ ନିମନ୍ତେ ସ୍ୱର୍ଗରୁ ଦେବଗଣ ମର୍ତ୍ତ୍ୟକୁ ଓହ୍ଲାଇ ଆସିଲେ । ଚତୁର୍ଦ୍ଦିଗରେ ସମସ୍ତେ ମଣ୍ଡଳାକାରରେ ବସିଲେ । କଳସ ପୂଜନ ପରେ ଶିବଲିଙ୍ଗ ପ୍ରତିଷ୍ଠା ମନ ମଧ୍ୟରେ ଶ୍ରୀରାମ ଚିନ୍ତା କଲେ, ତେଣୁ ପ୍ରଥମରେ ଶିବଲିଙ୍ଗ ପ୍ରତିଷ୍ଠା ହେଲେ ।

"ପ୍ରଥମରେ ଶିବଲିଙ୍ଗ ପ୍ରତିଷ୍ଠା କରିଲେ
'ରାମେଶ୍ୱର' ବୋଲି ସେ ଲିଙ୍ଗ ନାମ
ଦେଲେ
ରାମଙ୍କ ହସ୍ତରେ ଯେଣୁ ସେହୁ ପ୍ରତିଷ୍ଠିତ
ତେଣୁ ରାମେଶ୍ୱର ନାମ ହୋଇଲା ବିଦିତ
ମନ୍ଦିର ପ୍ରତିଷ୍ଠା ସାରି ବିଶ୍ରବାଙ୍କ ସୁତ
ଯଜ୍ଞ କାର୍ଯ୍ୟ କରିବାକୁ ଚଳିଲେ ତୁରିତ"

ଶ୍ରୀରାମ ଯଜମାନ ଆସନରେ ବସିଲେ । ତାଙ୍କ ବାମ ଭାଗରେ ସୀତା ବସି ମନୋରମ ଦିଶୁଥିଲେ । ସୀତାରାମ ଙ୍କର ଯୁଗଳ ମୂର୍ତ୍ତି ଦେଖି ଦେବଗଣ ସନ୍ତୁଷ୍ଟ ହେଲେ । ବିଶ୍ରବା ନନ୍ଦନ ମଧ ରାଜବେଶ ତ୍ୟାଗ କରି ବ୍ରାହ୍ମଣ ବେଶରେ ପୁରୋହିତ ରୂପେ ବେଦମନ୍ତ୍ର ପାଠ କରି ଭକ୍ତି ଚିତ୍ତରେ ଅଗ୍ନିରେ ଆହୂତି ପ୍ରଦାନ କଲେ । ବେଦ ମନ୍ତ୍ରରେ ଭୁବନ ମଣ୍ଡଳ କମ୍ପି ଯାଉଥିଲା । ଦଶାନନ ସର୍ବଶେଷରେ ପୂର୍ଣ୍ଣାହୂତି ଦେଲେ ଓ ନିଜ ପୁରକୁ ଯିବାକୁ ଅନୁମତି ମାଗିଲେ ।

ପୁରୋହିତ ଯଦି ଯଜ୍ଞ ଶେଷରେ ଯଜମାନକୁ ଆଶୀର୍ବାଦ କରି କିଞ୍ଚିତ ଦକ୍ଷିଣା ନ ନିଅନ୍ତି ତେବେ ଯଜମାନର ଅମଙ୍ଗଳ ହୁଏ ଓ ଯଜ୍ଞ ନିଷ୍ଫଳ ହୁଏ । ରଘୁନାଥଙ୍କ ଅନୁରୋଧରେ ବିଶ୍ରବା ନନ୍ଦନ ଦକ୍ଷିଣା ମାଗିବେ ଯଦି ସେ ସତ୍ୟ କରିବେ । ପୁରୁଷୋତ୍ତମ ଶଙ୍ଖରେ ଜଳଧରି ସତ୍ୟ ଉଚ୍ଚରଣ କଲେ ।

"ଶଙ୍ଖେ ଜଳଧରି ସତ୍ୟ ଉଚ୍ଚରଣ କଲେ
ବିଶ୍ରବା ନନ୍ଦନ କରେ ଜଳ ଟେକି ଦେଲେ
ସୀତା ବିନା ଯେ ଦକ୍ଷିଣା ମାଗିବେ ଆପଣ
ମୋହର ପ୍ରାଣ ପର୍ଯ୍ୟନ୍ତୁ ଦେବି ତତକ୍ଷଣ"

ସୀତା ମୋର ଅଧୀନରେ ନାହାନ୍ତି, ତେଣୁ ସେ ଦକ୍ଷିଣା ଦେବା ପାଇଁ ଅସମର୍ଥ । ଏହା ଶୁଣି ରାବଣ ଧନ୍ୟ ଧନ୍ୟ କହିଲେ ତାପରେ ଶ୍ରୀରାମଙ୍କୁ ଏକାନ୍ତ ସ୍ଥାନକୁ ଡାକି ନେଲେ । ଏହାଦେଖି ସମସ୍ତେ ବିଚଳିତ ହୋଇଗଲେ । ରାବଣ ଶ୍ରୀରାମଙ୍କୁ ଏହି ଦକ୍ଷିଣା ମାଗିଲେ–

"ମାଗୁଛି ଦକ୍ଷିଣା ପ୍ରଭୂ ଦିଅ ଦରଶନ
ଶଙ୍ଖ ଚକ୍ର ଗଦାପଦ୍ମେ ଶୋଭିତ ହୋଇଣ
ଭକ୍ତ ଶିରୋମଣି ଭାବେ ହୃଦୟରେ ଘେନି
ତତ୍‌କ୍ଷଣ ଚତୁର୍ଭୂଜ ମୂର୍ତ୍ତି ହେଲେ ଚକ୍ରପାଣି"

ଲଙ୍କପତି ନିସ୍ତରିଲି ବୋଲି କହି ପ୍ରଣାମ ଦଣ୍ଡବତ କରି ଶୀଘ୍ର ମୁକ୍ତି ଦିଅନ୍ତୁ ବୋଲି ନିବେଦନ କଲେ । ମୁଁ ଗୋଲୋକ ଛାଡି ନରକରେ ଅଛି ଆଉ କିଛି ଦିନ ଅପେକ୍ଷା କରନ୍ତୁ ବୋଲି ରାମ କହିବା ପରେ ଲଙ୍କପତି ବିଦାୟ ନେଲା ।

ରାମେଶ୍ୱର ମନ୍ଦିର ଅତ୍ୟନ୍ତ ସୁନ୍ଦର କାରୁକାର୍ଯ୍ୟ ସମ୍ପନ୍ନ ମନ୍ଦିର । କାନ୍ଥରେ ବିଭିନ୍ନ ଦୃଶ୍ୟ ଖୋଦିତ ହୋଇଛି । ମନ୍ଦିର ଓ ସେତୁବନ୍ଧ ସହ ଶିବଲିଙ୍ଗ ପ୍ରତିଷ୍ଠା ବିଷୟରେ ସମସ୍ତ ବୃତ୍ତାନ୍ତ ଜାଣିବା ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ସ୍ୱୟମ୍ଭୁ ରାମେଶ୍ୱରଙ୍କ ଚରଣ ତଳେ ମଥାନତ କଲି । ଧନ୍ୟ ଆମ ଭାଗ୍ୟ । ହରିହର ଦର୍ଶନ ମିଳିଗଲା । ସ୍କନ୍ଦ ପୁରାଣରେ ବର୍ଣ୍ଣିତ ହୋଇଅଛି ଯେ ଶିବ ନିଜେ ସ୍କନ୍ଦଙ୍କୁ ଶ୍ରୀରାମ ତାଙ୍କ ସ୍ୱହସ୍ତରେ ଏହି ମୂର୍ତ୍ତି ସ୍ଥାପନ କରିଥିଲେ ବୋଲି ଜଣାଇଥିଲେ । କଥିତ ଅଛି ତାମିଲନାଡୁ ରାମନଦ ଜିଲ୍ଲାରୁ କାରୁକାର୍ଯ୍ୟ ପ୍ରସିଦ୍ଧ ଜଣେ ଶିଳ୍ପୀ ମନ୍ଦିର ନିର୍ମାଣରେ ସହାୟତା କରିଛନ୍ତି ନନ୍ଦୀଶ୍ୱର । ରୂପାର ରଥ, ସୁବର୍ଣ୍ଣ ରଞ୍ଜିତ ଛାତ ମନୋମୁଗ୍ଧ କର । ଚତୁପାର୍ଶ୍ୱରେ ବାର ଶହ ସୁଉଚ୍ଚ ସ୍ତମ୍ଭ ରହିଛି । ଆମେ ପ୍ରଥମରେ ସମୁଦ୍ରରେ ସ୍ନାନ କଲୁ । ସେଠାରେ ସମୁଦ୍ର ଶାନ୍ତ । ମନ୍ଦିର ନିକଟରେ ସମୁଦ୍ର । ସ୍ନାନ କରିବାକୁ ଯିବା ବେଳେ ଉତ୍ସାହର ସହ ମନ୍ଦିର ଭିତରକୁ ଚାହିଁ ଚାହିଁ ଯାଉଥିଲୁ । ସ୍ନାନ ସାରିବା ପରେ ଓଦା ଲୁଗାରେ ସାନବାପା (ଶ୍ୱଶୁର) ନାମରେ ତର୍ପଣ କଲୁ । ତତ୍ପରେ ବେଢା ମଧ୍ୟକୁ ପ୍ରବେଶ କଲୁ ।

ମୁଖ୍ୟ ପ୍ରବେଶ ଦ୍ୱାର ଦଶ ମହଲା ବିଶିଷ୍ଟ, ଚାରି ଦ୍ୱାର ଆଗରେ ଗୋପୁରମ୍ ରହିଛି । ଏହା ବିଶେଷ କଳାକୃତୀ ସମ୍ପନ୍ନ ଛୋଟ ଛୋଟ ମୂର୍ତ୍ତି ଏହାର ଉପର ଅଂଶରେ ଦେଖିଲେ ଦର୍ଶକ ସ୍ତମ୍ଭୀଭୂତ ହୋଇଯାଏ । ମନ୍ଦିରରେ ପ୍ରସ୍ତର ସ୍ତମ୍ଭ ଓ ମୂର୍ତ୍ତି ରହିଛି, ଚତୁଃପାର୍ଶ୍ୱରେ ମଜଭୂତ ପ୍ରସ୍ତର ବେଢା ଘେରି ରହିଛି ।

ରାମେଶ୍ୱରଙ୍କ ମନ୍ଦିର ବେଢା ମଧ୍ୟରେ ବାଇଶିଟି ତୀର୍ଥ ରହିଛି । ଏ ଗୁଡିକ କୂପ ଆକାରରେ ରହିଛି । ପ୍ରଭୁ ଶ୍ରୀରାମ ନିଜେ ଶରମୂନରେ ଏହି କୂପ ଗୁଡିକ ଖନନ କରିଥିଲେ । ଏଗୁଡିକ ହେଲେ ସାବିତ୍ରୀ, ଗାୟତ୍ରୀ, ସରସ୍ୱତୀ, ସୂର୍ଯ୍ୟ, ଚନ୍ଦ୍ର, ଗଙ୍ଗା, ଯମୁନା, ଗୟା, ଶିବ, ମହାଲକ୍ଷ୍ମୀ, କବଚ, ଶଙ୍ଖ, ଶବର, ବ୍ରହ୍ମହତ୍ୟା ବିଶୋଚନ ସର୍ବତୀର୍ଥ, କୋଟିତୀର୍ଥ, ରାମ ତୀର୍ଥ, ସୀତା ତୀର୍ଥ କୁଣ୍ଡ, ଲକ୍ଷ୍ମଣ ତୀର୍ଥ, କପି ତୀର୍ଥ, ମଙ୍ଗଳ ତୀର୍ଥ, ପାଣ୍ଡବ ତୀର୍ଥ କୂପ ଆକାରରେ ରହିଛନ୍ତି । ପ୍ରତ୍ୟେକ କୂପର ଜଳରେ ସ୍ନାନ କରାଯାଏ । ସମୁଦ୍ର ସ୍ନାନ ପରେ ଓଦା ଲୁଗାରେ ଏହି ତୀର୍ଥରେ ସ୍ନାନ କଲୁ । ଜଣେ ପୂଜକଙ୍କ ଦ୍ୱାରା ବ୍ୟବସ୍ଥା କରାଯାଇଥିବା ଲୋକଟିଏ ପ୍ରତ୍ୟେକ କୂପରୁ ଗୋଟିଏ ମାଠିଆ ପାଣି କାଢି ପ୍ରତ୍ୟେକଙ୍କ ମୁଣ୍ଡରେ ଢାଳିଲା ପରେ ଅନ୍ୟ କୁଣ୍ଡ ଯାଇଥିଲୁ । ସେଠାରେ ମଧ ଏକ ମାଠିଆ ପାଣିରେ ଗାଧୋଉ ଥିଲୁ । ସବୁ କୂପର ପାଣି ମୁଣ୍ଡରେ ଢଳାଯିବା ପରେ ସେ ଲୋକଙ୍କୁ ତା'ର ପାରିଶ୍ରମିକ ଦେଇ ତୀର୍ଥସ୍ନାନ ସାରି ଶୁଖିଲା ଲୁଗା ପିନ୍ଧି ମନ୍ଦିର ଦର୍ଶନ କଲୁ । ଲିଙ୍ଗ ସ୍ଥାପନ ବେଳେ ଯଜ୍ଞ ସମୟରେ ଏହି ତୀର୍ଥ କୂପଗୁଡିକ ସୃଷ୍ଟି କରାଯାଇଛି । ମନ୍ଦିର ସମ୍ମୁଖରେ ବିରାଟ ନନ୍ଦୀ– ଶୋଭା ପାଉଛନ୍ତି ।

ରାମେଶ୍ୱରଙ୍କ ପ୍ରଧାନ ମନ୍ଦିର ନିକଟରେ ଅନ୍ୟ ଏକ ସ୍ୱତନ୍ତ୍ର ମନ୍ଦିର ପାର୍ବତୀଙ୍କର ରହିଛି । ଏହି ମନ୍ଦିର "ପାର୍ବତ ବର୍ଦ୍ଧନୀ" ନାମରେ ଖ୍ୟାତ । ଏହା ବ୍ୟତୀତ ସନ୍ତଗଣପତି, ବୀରଭଦ୍ର ହନୁମାନ, ନବଗ୍ରହ, ଆମ୍ବାଦେବୀ ମନ୍ଦିର ରହିଅଛି । ଏହି ମନ୍ଦିରଠାରୁ ଦୁଇ କିଲୋମିଟର ଦୂରରେ ଗନ୍ଧମାର୍ଦ୍ଦନ ପର୍ବତ ଅବସ୍ଥିତ । ରାମଖାଇ ଓ ବିଭୀଷଣ ମନ୍ଦିର ମଧ ଅଛି । ସବୁଜ ଉଦ୍ଭିଦର ନନ୍ଦନକାନନ ସୃଷ୍ଟି ହୋଇଛି । ସେହି ବାଲୁକା ସ୍ଥାନରେ ମନ୍ଦିରରେ ଭୀଷଣ ଭିଡ ହୋଇଥାଏ । ସବୁ ଆମେ ଦେଖି ସାରି ଶିବଙ୍କୁ ଭଲ ଭାବରେ ଦର୍ଶନ କଲୁ, ଯାହାଙ୍କୁ ଦର୍ଶନ କରିବା ପାଇଁ ମନ ବ୍ୟାକୁଳ ହେଉଥିଲା ତାଙ୍କୁ ଆଖି ପୂରାଇ ମନଭରି ଦର୍ଶନ କଲୁ ଓ ଧାଡିରେ ରହି ପୂଜା ଦେଲୁ । ଶିବଙ୍କ ମସ୍ତକର ନାଗଦେବତା ଫଣି ଛତ୍ରୀ ସଦୃଶ ଶୋଭା ପାଉଛନ୍ତି । ନିକଟରେ ତ୍ରିଶୂଳ, ଡମ୍ବରୁ, ପ୍ରଭୁ ସୁଉଚ୍ଚ ଆସନରେ ଆସୀନ ଓ ଅଭୟ ମୁଦ୍ରାରେ ବର ପ୍ରଦାନ କରୁଛନ୍ତି ।

ମନ୍ଦିର କାର୍ଯ୍ୟାଳୟରୁ ଟିକେଟ କରି ଗଙ୍ଗାଜଳ, ପୂଜା ସାମଗ୍ରୀ, ଭୋଗ ସାମଗ୍ରୀ କିଣାଯାଏ । ଏହି ଗଙ୍ଗାଜଳ ତାମ୍ର–ପାତ୍ରରେ ବିକ୍ରୟ ହୁଏ । ଦକ୍ଷିଣା ମଧ ସେଇଠି ନେଇ ଥାଆନ୍ତି ଓ ରସିଦ ଦେଇ ଥାଆନ୍ତି । ଆମେ ମଧ ସେଇୟା କଲୁ । ଗଙ୍ଗାଜଳ ଓ ବେଲପତ୍ର ନେଇ ପୂଜା କରାଇଲୁ । ନାଟ ମଣ୍ଡପଟି ବିରାଟ ଓ ପ୍ରଶସ୍ତ ନାଟମଣ୍ଡପର ଭିତର ଛାତରେ ପ୍ରଭୁଙ୍କ ସ୍ଥାପନା ସମ୍ପର୍କିତ ଅନେକ ଚିତ୍ର ଅଙ୍କିତ (ଖୋଦିତ) ହୋଇଅଛି । ପୂଜାରେ ଶ୍ରୀରାମ ଓ ସୀତା ବସିଛନ୍ତି, ଲକ୍ଷ୍ମଣ, ସୁଗ୍ରୀବ, ବିଭୀଷଣ, ଅଙ୍ଗଦ, ଜାମ୍ବବାନ ଇତ୍ୟାଦି ଠିଆ ହୋଇଛନ୍ତି । ମୁଖ୍ୟ ଲିଙ୍ଗଙ୍କ ପାଖରେ ବିଶ୍ୱଲିଙ୍ଗ ସ୍ଥାପିତ ହୋଇଛି ।

ହନୁମାନ ଏହି ଲିଙ୍ଗ କୈଳାସରୁ ଆଣିଥିଲେ । ପ୍ରଭୁଙ୍କ ଶୟନ କକ୍ଷ ମଧ ନିକଟରେ ଅବସ୍ଥିତ । ପ୍ରଭୁ ରାମେଶ୍ୱରଙ୍କ ଲିଙ୍ଗ ମୂର୍ତ୍ତି ରୂପା ଫର୍ଦ୍ଦରେ ଆଚ୍ଛାଦିତ ନାଗରାଜ ଆଖିର ଜ୍ୟୋତି ଉଜ୍ଜ୍ୱଳ ଦେଖା ଯାଉଛି । ପର୍ବ ପର୍ବାଣୀ ଯଥା–ପ୍ରଦୋଷ ଓ ଶିବ ରାତ୍ରୀରେ ରାମେଶ୍ୱରଙ୍କ ପାଲିଙ୍କି ଶୋଭାଯାତ୍ରରେ ବାହାରିଥାଏ । କହନ୍ତି ପାଲିଙ୍କି କୁ ହାତୀ ନେଇଥାଏ ଗୋଟିଏ ପ୍ରୋସେସନରେ ଏହି ଯାତ୍ରା ପାଳିତ ହୁଏ । ମା' ପାର୍ବତୀଙ୍କର ମଙ୍ଗଳବାର ଓ ଶୁକ୍ରବାର ମାନଙ୍କରରେ ତିନିଫୁଟ ଉଚ୍ଚତାର ସୁବର୍ଣ୍ଣ ମୂର୍ତ୍ତିକୁ ପାଲିଙ୍କିରେ ବାହାରକୁ ନେଇ ଥାଆନ୍ତି । ଉତ୍ସବ ସମୟରେ ମୂର୍ତ୍ତିମାନଙ୍କୁ ନବବସ୍ତ୍ର ଓ ଗହଣାରେ ସଜାଇ ଦିଆଯାଏ । ସବୁ ପର୍ବ ପର୍ବାଣୀ ସମୟରେ ମନ୍ଦିରର ଆଲୋକ ସଜ୍ଜା ହୋଇଥାଏ । ପ୍ରତ୍ୟେକ ଦିନ ଭୋର ଚାରିଟାରୁ ରାତି ଦଶଟା ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ ଲାଗିଥାଏ । ସକାଳ ୫ଟାରେ ଅଳତୀ ହୁଏ ।

ରାତି ଆଳତୀ ପରେ ପ୍ରଭୁ ସୁବର୍ଣ୍ଣ ଦୋଳିରେ ଶୟନ କରନ୍ତି । ଶଙ୍କର ପାର୍ବତୀଙ୍କ ମୂର୍ତ୍ତି ବିଛଣାକୁ ନିଆଯାଏ । ଶିବରାତ୍ରୀରେ ଓ ଆଷାଢର ପନ୍ଦର ଦିନଟିରେ ମେଳା ହୁଏ । ସମଗ୍ର ଭାରତର ବିଭିନ୍ନ ସ୍ଥାନରୁ ଓ ନେପାଳରୁ ଲୋକମାନେ ଆସି ମେଳା ଦେଖନ୍ତି । ସେତେବେଳେ ପ୍ରବଳ ଭିଡ ଥାଏ ।

ମନ୍ଦିରଠାରୁ ଦୁଇ କିଲୋମିଟର ଦୂରରେ ଥିବା ଗନ୍ଧମାର୍ଦ୍ଦନ ପର୍ବତରେ କେତେ ଗୁଡିଏ ସିଡି ପାର ହୋଇ ଉପରକୁ ଉଠିଲେ ଗୋଟିଏ ଖୋଲା ମନ୍ଦିର ଭିତରେ ଧଳା ମାର୍ବଲ ପଥରରେ ଶ୍ରୀରାମଙ୍କର ଚରଣ ଚିହ୍ନ ରହିଅଛି । ଏହି ସ୍ଥାନରେ ବୋଧହୁଏ ଲଙ୍କା ଯିବାର ଯୋଜନା କରାଯାଉଥିଲା । ଏହା ଉପରେ ସହର ଓ ସମୁଦ୍ର ଦୃଶ୍ୟ ଚିତ୍ତାକର୍ଷକ ।

ଦ୍ୱାପର ଯୁଗରେ ପଞ୍ଚ ପାଣ୍ଡବ ଓ ଦ୍ରୌପଦୀ ଏହି ସ୍ଥାନକୁ ଆସି ବନବାସର କିଛିଦିନ କଟାଇଥିଲେ । ଗନ୍ଧମାର୍ଦ୍ଦନ ପାଦ ଦେଶରେ ଧର୍ମରାଜ ତୀର୍ଥ, ଭୀମକୁଣ୍ଡ, ଅର୍ଜ୍ଜୁନ କୁଣ୍ଡ, ନକୁଳ କୁଣ୍ଡ ଓ ସହଦେବ କୁଣ୍ଡ ରହିଛି । ଏହା ପଞ୍ଚ ପାଣ୍ଡବ ଙ୍କ ଆସିବାର ପ୍ରତୀକ । ଏଠାରୁ ଦୁଇ କି.ମି. ଦୂରରେ ପଞ୍ଚମୁଖୀ ହନୁମାନଙ୍କ ମନ୍ଦିର ହନୁମାନଙ୍କ ମର୍ତ୍ତି ସିନ୍ଦୁର ବିଭୂଷିତ । ଥରେ ସୀତାମାତା ସିନ୍ଦୁର ପିନ୍ଧୁଥିବାର ଦେଖି ହନୁମାନ ପଚାରିଥିଲେ ମା ସୀତା "ସିନ୍ଦୁର କାହିଁକି ପିନ୍ଧୁଛନ୍ତି" ? ସୀତା ସ୍ୱାମୀଙ୍କ ମଙ୍ଗଳକାମନା ଓ ଭଲ ପାଇବା ପାଇଁ ପିନ୍ଧୁଛନ୍ତି କହିବାରୁ ହନୁମାନ ତାଙ୍କ ମୁହଁ ସାରା ସିନ୍ଦୁର ବୋଲି ପକାଇଲେ । ସେ ତାଙ୍କ ପ୍ରଭୁଙ୍କୁ କେତେ ଭଲ ପାଉଥିଲେ ତାହାର ପ୍ରମାଣ ମିଳେ, ସେଥିପାଇଁ ତାଙ୍କ ମୁହଁରେ ସିନ୍ଦୁର ବୋଳାଯାଏ ରାମେଶ୍ୱର ଠାରୁ ଆଠ କି.ମି. ଦୂରରେ ଧନୁଷ୍କୋଟି ଅବସ୍ଥିତ । ଶ୍ରୀରାମ ରାବଣଙ୍କୁ ସବଂଶେ ନିଧନ କରି ସୀତାଙ୍କୁ ଉଦ୍ଧାର କଲେ । ଲଙ୍କା ବିଜୟ ପରେ ବିଭୀଷଣ ସେହି ସେତୁ ବନ୍ଧ ଭାଙ୍ଗି ଦେବା ପାଇଁ ଶ୍ରୀରାମଙ୍କୁ କହିଲେ । ଶ୍ରୀରାମ ସୀତାଙ୍କୁ ନେଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିବା ସମୟରେ କାଳେ ରାକ୍ଷସ ମାନେ ଆର୍ଯ୍ୟାବର୍ତ୍ତକୁ ଆସି ଉପଦ୍ରବ କରିବେ ସେଥିପାଇଁ ଶ୍ରୀରାମ ବାନ୍ଧିଥିବା ସେତୁ ବନ୍ଧକୁ ତାଙ୍କ ଧନୁର କୋଟୀରେ ଅର୍ଥାତ ଶେଷ ଭାଗରେ ଏହି ସେତୁ ଧନୁଶରରେ ଭାଙ୍ଗି ଥିଲେ । କଥିତ ଅଛି ତାଙ୍କ ଧନୁର ଅଗ୍ରଭାଗରେ ମଧ ସେତୁ ନିର୍ମାଣ ନିମିତ ସ୍ଥାନଟି ଚିହ୍ନଟ କରାଇଥିଲେ । ଧନୁର ଶେଷ ଭାଗଦ୍ୱାରା ଭାଙ୍ଗି ଥିବାରୁ ସେ ସ୍ଥାନଟି "ଧନୁଷ୍କୋଟି ବା ଧନୁଷ୍କୋଡି" ନାମରେ ନାମିତ ।

ଧନୁଷ୍କୋଟି ସମୁଦ୍ର ପାଣିରେ ପଥର ସବୁ ପଡିଛି । ସେହି ସେତୁ ଶିଳା ଓ କିଛି ଭଗ୍ନ ଅଂଶ ରେଖା ଭଳି ଧାଡି ହୋଇ ରହିଛି । ସେହି ସ୍ଥାନରେ କୋରାଲ ଷ୍ଟୋନ ଓ କୋରାଲ ମିଳେ । ଶଙ୍ଖ ମଧ ବହୁ ସଂଖ୍ୟାରେ ସମୁଦ୍ର ବାଲୁକାରେ ଦେଖାଯାଏ । କାଶୀରେ ତୀର୍ଥ କରି ଯଦି ଧନୁକୋଟୀରେ ସ୍ନାନ ନ କରି ରାମେଶ୍ୱର ଦର୍ଶନ କରିବ ତେବେ ତୀର୍ଥ ଯାତ୍ରା ଫଳ ମୂଲ୍ୟହୀନ ହେବ, ଏହି ଧାରଣା ରହିଛି ।

ଲଙ୍କା ବିଜୟ ଓ ରାବଣ ନିଧନ ପରେ ପ୍ରଭୁ ଶ୍ରୀରାମ ପୁଷ୍ପକ ବିମାନରେ ସୀତାଙ୍କୁ ସାଥିରେ ନେଇ ଫେରିବା ବେଳେ ସାଗରର ବିଭିନ୍ନ ଦୃଶ୍ୟ ଦେଖାଉଥିଲେ । କେଉଁ ସ୍ଥାନରେ ବାନର ମାନେ ଏକତ୍ରିତ ହୋଇ ପଥର ପକାଉ ଥିଲେ ତାହା ବର୍ଣ୍ଣନା କରୁଥିଲେ ସାଗରର ଦୃଶ୍ୟ ତାଙ୍କ ନୟନରେ ଅଫୁରନ୍ତ ଆନନ୍ଦ ପ୍ରଦାନ କରୁଥିଲା ।

ଆନନ୍ଦ ପ୍ରାଚୁର୍ଯ୍ୟ ମଧ୍ୟରେ ସଶବ୍ଦେ ପୁଷ୍ପକ ବିମାନ ଆକାଶ ମାର୍ଗରେ ଫେରିଲା ବେଳେ ଶ୍ରୀରାମ ଯେଉଁ ସେତୁବନ୍ଧ ବାନର ମାନଙ୍କଦ୍ୱାରା ବାନ୍ଧି ଲଙ୍କା ଯାଇଥିଲେ ତାହାର ଦୃଶ୍ୟ ସୀତାଙ୍କ ନିକଟରେ ବର୍ଣ୍ଣନାକୁ ଭକ୍ତ କବି ମଧ ଅଯୋଧ୍ୟା ପ୍ରତ୍ୟାଗମନର ଅନୁବାଦରେ ଏହି ଉପମା ଦର୍ଶାଇଛନ୍ତି ।




Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com